Odisha Legislative Assembly

(ଏକାଦଶ ଅଧିବେଶନ )

# ୨୬ ନଭେମ୍ବର ୨୦୨୨

----

[ଅବକାରୀ - ମହିଳା ଓ ଶିଶୁ ବିକାଶ - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ଆଇନ - ପର୍ଯ୍ୟଟନ ମିଶନ ଶକ୍ତି ].

ମୋଟ ପ୍ରଶ୍ନର ସଂଖ୍ୟା - 138

----

## ଧର୍ମଶାଳା ନିର୍ମାଣ

88 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ଖୋର୍ଦ୍ଧା ଜିଲ୍ଲା ହରିପୁର ଗ୍ରାମରେ ତଥା ମା ଉଗ୍ରତାରାଙ୍କ ପୀଠରେ ରାଜସ୍ୱ ବିଭାଗ ପକ୍ଷରୁ ଏକ ଧର୍ମଶାଳା ନିର୍ମାଣ ପାଇଁ ପଦକ୍ଷେପ ନେବା ସହ ବୃନ୍ଦାବନପୁର, ହରିପୁର ମୌଜାରେ ଥିବା ମୁଣ୍ଡିଆକୁ ସୌନ୍ଦର୍ଯ୍ୟକରଣ ପାଇଁ କୌଣସି ବ୍ୟବସାୟୀକ ସଂସ୍ଥା ତରଫରୁ ନିକଟ ଭବିଷ୍ୟତରେ ନେବା ପାଇଁ ସରକାରଙ୍କଠାରେ ଦରଖାସ୍ତ କରିଛନ୍ତି କି, ଯେହେତୁ ମା ଉଗ୍ରତାରା ପୀଠ ଏକ ଧାର୍ମିକ ତଥା ପ୍ରସିଦ୍ଧ ପୀଠସ୍ଥଳୀ, ଏହାର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ ନିମନ୍ତେ ରାଜ୍ୟ ସରକାର ସୁଚିନ୍ତିତ ପଦକ୍ଷେପ ନେବା ପାଇଁ ପଦକ୍ଷେପ ନେବେ କି ?

----

## ଜନଜାତି କଲ୍ୟାଣ ପାଇଁ ସ୍ୱତନ୍ତ୍ର ମାନ୍ୟତା

247 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢେଙ୍କାନାଳ ନିର୍ବାଚନ ମଣ୍ଡଳୀର ଗଅଁଦିଆ ବ୍ଲକ ଏକ ଅନୁସୂଚିତ ଜନଜାତି ବହୁଳ ବ୍ଲକ ହୋଇଥିବା ପରିପ୍ରେକ୍ଷୀରେ ଏଠାରେ ଜନଜାତି ମାନଙ୍କ କଲ୍ୟାଣ ପାଇଁ ଏହି ବ୍ଲକକୁ ସ୍ୱତନ୍ତ୍ର ମାନ୍ୟତା ଦେଇ ତାହାର ବିକାଶ ସାଧନ ନିମନ୍ତେ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର 'ହଁ' ହେଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଢେଙ୍କାନାଳ ଜିଲ୍ଲାରେ ପଛୁଆବର୍ଗଙ୍କ ପାଇଁ ଛାତ୍ରାବାସ ନିର୍ମାଣ

248 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢେଙ୍କାନାଳ ଜିଲ୍ଲାର କେଉଁ ଶିକ୍ଷାନୁଷ୍ଠାନରେ ପଛୁଆବର୍ଗମାନଙ୍କ ପାଇଁ କେତେ କୋଠରୀ ବିଶିଷ୍ଟ ପଛୁଆବର୍ଗ ଛାତ୍ରାବାସ ଓ ଛାତ୍ରୀନିବାସ ପ୍ରତିଷ୍ଠା ହୋଇଛି ; ପ୍ରକାଶ କରି ଜିଲ୍ଲାରେ ଥିବା ଶିକ୍ଷାନୁଷ୍ଠାନ ମାନଙ୍କରେ ପଛୁଆବର୍ଗଙ୍କୁ ଆବାସିକ ଶିକ୍ଷା ସୁବିଧା ପ୍ରଦାନ ପାଇଁ ଅଧିକ ସଂଖ୍ୟକ ପଛୁଆବର୍ଗ ଛାତ୍ରାବାସ ଓ ଛାତ୍ରୀନିବାସ ପ୍ରତିଷ୍ଠା ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଶିଶୁମାନେ ରକ୍ତହୀନତାର ଶିକାର

249 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (NFHS-5) ଅନୁସାରେ ଶିଶୁ ଓ ମା'ଙ୍କ ପୋଷଣ ବା nutritional deficiency ହାର ଉଦବେଗଜନକ ଥିବା ବେଳେ ୬ ରୁ ୫୨ ମାସ ଶିଶୁଙ୍କ ମଧ୍ୟରେ ପ୍ରତି ୩ରୁ 2 ଜଣଙ୍କର ଏବଂ 15ରୁ ୪୨ ବର୍ଷ ବୟସର ମହିଳା ରକ୍ତହୀନତା ଭୋଗୁଥିବାର କାରଣ ଗୁଡିକ କ'ଣ ଦର୍ଶାଇବେ କି ; ଏହି ପରିପ୍ରେକ୍ଷୀରେ NFHS-4 ତୁଳନାରେ NFHS-5 ର ସ୍ଥିତି ଚିନ୍ତାଜନକ ଥିବାରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଶିଶୁଙ୍କ ମଧ୍ୟରେ କେତେ ସଂଖ୍ୟକ ଓ କେତେ ପ୍ରତିଶତ ଶିଶୁ ରକ୍ତହୀନତାର ଶିକାର ହୋଇଛନ୍ତି ; କେତେ ସଂଖ୍ୟକ ଓ କେତେ ପ୍ରତିଶତ ଶିଶୁ underweight, stunting, wasting ର ଶିକାର, କେତେ ସଂଖ୍ୟକ ଓ ପ୍ରତିଶତ ଶିଶୁ ଆବଶ୍ୟକ ଟିକାକରଣରୁ ଆଂଶିକ ଓ ସମ୍ପୂର୍ଣ୍ଣ ବାଦ୍ ରହିଛନ୍ତି ସେସବୁର 2015-16 ପରଠାରୁ ଅଦ୍ୟାବଧି ଜିଲ୍ଲା ଓ ବର୍ଷୱାରୀ ତଥ୍ୟ ଦେବେ କି?

----

## ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ନିୟମାବଳୀ

250 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ସରକାରଙ୍କ ପକ୍ଷରୁ କି କି ନିୟମାବଳୀ ଓ ନିର୍ଦ୍ଦେଶନାମା ରହିଛି ; ବିଭିନ୍ନ ସମୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ରାଜନୈତିକ ସଭାସମିତି ଓ କାର୍ଯ୍ୟକଳାପରେ ନିୟୋଜିତ/ ବ୍ୟବହାର ହେଉଥିବା ପରିପ୍ରେକ୍ଷୀରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିୟମାବଳୀରେ ଏଥି ନିମନ୍ତେ କୌଣସି ପ୍ରାବଧାନ ରହିଛି କି ; ଯଦି ନାହିଁ ତେବେ ରାଜନୈତିକ ସଭାସମିତି ଓ କାର୍ଯ୍ୟକଳାପରେ ନିୟୋଜିତ ହେବା ପାଇଁ ସେମାନଙ୍କର ଗସ୍ତ ଖର୍ଚ୍ଚ ଓ ଦିନର ପାରିଶ୍ରମିକ କେଉଁ ପାଣ୍ଠିରୁ ଭରଣା କରାଯାଉଛି ଏବଂ ଏହା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଉଲ୍ଲଙ୍ଘନ କରୁଥିବା ପରିପ୍ରେକ୍ଷୀରେ କେଉଁ କେଉଁ ଜିଲ୍ଲାରୁ କେତେଗୋଟି ଅଭିଯୋଗ ହୋଇଛି ଓ ଏହାର ତଦନ୍ତ କରାଯାଇଛି କି ; ଯଦି କରାଯାଇଛି ତେବେ ନିୟମ ଉଲ୍ଲଙ୍ଘନ କରୁଥିବା କେଉଁ କେଉଁ ବ୍ୟକ୍ତି ବା ଅଧିକାରୀଙ୍କ ବିରୁଦ୍ଧରେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି?

----

## ପର୍ଯ୍ୟଟକଙ୍କ ରହଣୀ ପାଇଁ ସୁବିଧା

251 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅବିଭକ୍ତ କୋରାପୁଟ, କଳାହାଣ୍ଡି ଓ ଗଜପତି ଆଦିବାସୀ ବହୁଳ ଜିଲ୍ଲାର Tourist Spot ବୁଲିବା ପାଇଁ ବିଭିନ୍ନ ସମୟରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ଓ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଆସୁଥିବାରୁ ଏମାନଙ୍କର ରହିବା ସୁବିଧା ପାଇଁ ସରକାର କେଉଁ କେଉଁଠାରେ କି କି ବ୍ୟବସ୍ଥା କରିଛନ୍ତି ଏବଂ ଉକ୍ତ ଜିଲ୍ଲାର ଗତ ଆର୍ଥିକ ବର୍ଷରେ Tourist Place ର Development ପାଇଁ କି କି ପଦକ୍ଷେପ ନେଇଛନ୍ତି?

----

## Stipend ବୃଦ୍ଧି ପାଇଁ ପଦକ୍ଷେପ

252 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- SC/ST ପିଲାମାନଙ୍କୁ କେଉଁ କେଉଁ କେଉଁ ଶିକ୍ଷା ପାଇଁ ରାଜ୍ୟ ସରକାର କେତେ stipend ଦେଇଛନ୍ତି, ଆବଶ୍ୟକତା ଅନୁଯାୟୀ ଉକ୍ତ Stipend sufficient ହେଉନଥିବାରୁ ଉକ୍ତ Stipend ବୃଦ୍ଧି କରିବା ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି, ଏବଂ ଏହା କେବେ ଠାରୁ କାର୍ଯ୍ୟକାରୀ ହେବ କହିବେ କି ?

----

## ନୌ ପର୍ଯ୍ୟଟନର ବିକାଶ

253 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରେ ନୌ ପର୍ଯ୍ୟଟନର ବିକାଶ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

----

## ପଛୁଆ ବର୍ଗ ଜନଗଣନା ପାଇଁ ପ୍ରସ୍ତାବ

254 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ପଛୁଆ ବର୍ଗ ଜନଗଣନା ପାଇଁ ସରକାରଙ୍କର ପ୍ରସ୍ତାବ ଅଛି କି, ଉତ୍ତର 'ହଁ' ହେଲେ, ଏହାର କାର୍ଯ୍ୟକାରିତା ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଯୋଗାଣ

255 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଭାଗ ଦ୍ୱାରା ପରିଚାଳିତ ହାଇସ୍କୁଲ ଗୁଡିକର ହଷ୍ଟେଲ ସଂଖ୍ୟା କେତେ ଅଟେ, ସେଗୁଡିକରେ ଖାଦ୍ୟ ନିମ୍ନମାନର ବୋଲି ବାରମ୍ବାର ଅଭିଯୋଗ ଆସୁଛି କି, ଏପରିକି ବହୁ ସମୟରେ ଅନ୍ତେବାସୀମାନଙ୍କୁ ଖାଇବାକୁ ମିଳୁ ନାହିଁ ବୋଲି ଅଭିଯୋଗ ହେଉଛି କି, ଏ ପ୍ରକାର କେବେ ଅଭିଯୋଗ ମିଳିଛି, କେତେ ଛାତ୍ରଛାତ୍ରୀ ଏପରି ଅଭିଯୋଗ କରି ହଷ୍ଟେଲ ଛାଡିଛନ୍ତି, ତାହାର ତଥ୍ୟ ଦେବେ କି ?

----

## ଦେଓମାଳି ପର୍ବତମାଳାକୁ ପର୍ଯ୍ୟଟନ ମାନ୍ୟତା

256 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ବହୁ ହୋହାଲ୍ଲା ସତ୍ତ୍ୱେ କୋରାପୁଟ ଜିଲ୍ଲାର ଦେଓମାଳି ପର୍ବତମାଳାକୁ ସରକାର ପର୍ଯ୍ୟଟନର ମାନ୍ୟତା ନଦେବାର କାରଣ କ'ଣ, ଏଥିରେ କି କି ପ୍ରତିବନ୍ଧକ ରହିଛି, (ଖ) ପର୍ଯ୍ୟଟନ ସ୍ଥଳୀ ଘୋଷଣା ନହେବା ସତ୍ତ୍ୱେ ଦେଓମାଳୀକୁ ବିଗତ ତିନି ବର୍ଷ ମଧ୍ୟରେ କେତେ ପର୍ଯ୍ୟଟକ ଆସିଛନ୍ତି, କେତେ ବିଦେଶୀ ପର୍ଯ୍ୟଟକ ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ, ତାହା ଦର୍ଶାଇବେ କି ?

----

## Activities being implemented by OSFDC and OBCFDC

257 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- What are the Schemes, Programmes and activities being implemented by OSFDC and OBCFDC for the welfare and economic empowerment of SC, ST, OBC peoples in the state, how many peoples have been benefited out of individual and group schemes during last

4 years, give a detail districtwise list on that ?

----

## କୁଆଁରିଆ ଜଳସେଚନ ପ୍ରକଳ୍ପର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟ

258 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ଦଶପଲ୍ଲା ବ୍ଲକ ଅଧିନରେ ଥିବା କୁଆଁରିଆ ଜଳସେଚନ ପ୍ରକଳ୍ପ ତାର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟ ଓ ସେଠାର ହରିଣ ପାର୍କ ବର୍ଷ ସାରା ଲକ୍ଷାଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ, ଉକ୍ତ ପର୍ଯ୍ୟଟନସ୍ଥଳିର ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇ ଦେବା ପାଇଁ କି କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ଓ ବିଗତ 4 ବର୍ଷ ମଧ୍ୟରେ କେତେ ପରିମାଣର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି ଜଣାଇବେକି, ଉକ୍ତ ପର୍ଯ୍ୟଟନସ୍ଥଳିର ପୁନଃବିକାଶ ନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବେକି?

----

## ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା

259 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ଠାରୁ ରାଜ୍ୟର ବାର୍ଷିକ ଆୟ କେତେ ଓ ତାହା ସର୍ବଭାରତୀୟସ୍ତରର କେତେ ପ୍ରତିଶତ, ଅଧିକ ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ସେମାନଙ୍କ ଜରିଆରେ ଆୟ ବୃଦ୍ଧି କରିବାର କୌଣସି ଲକ୍ଷ୍ୟ ରଖାଯାଇଛି କି ଓ ଯଦି ଉତ୍ତର 'ହଁ' ହୁଏ ତାହା ପ୍ରଦାନ କରିବେକି?

----

## ଅନୁସୂଚିତ ଜନଜାତି ଓ ଜାତିମାନଙ୍କ ସାକ୍ଷରତା ହାର ବୃଦ୍ଧି

260 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପ୍ରତି ସଂଖ୍ୟାଲଘୁ ସଂପ୍ରଦାୟର ସାକ୍ଷରତା ହାର କେତେ ଏବଂ ରାଜ୍ୟରେ ମୋଟ ସାକ୍ଷରତା ହାରଠାରୁ କେତେ କମ୍ ବା ବେଶୀ ତଥା ଜାତୀୟସ୍ତରରେ ମୋଟ ସାକ୍ଷରତା ହାର ଓ ସଂପ୍ରଦାୟର ସାକ୍ଷରତା ହାର ଠାରୁ କେତେ ଅଧିକ ବା କମ, ରାଜ୍ୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପ୍ରତି ସଂଖ୍ୟାଲଘୁ ସଂପ୍ରଦାୟରେ ପୂର୍ବ ସାକ୍ଷରତା ଲାଗି କି ପଦକ୍ଷେପ ନିଆଯାଉଅଛି?

----

## ହରିଶଙ୍କର ସହ ନୃସିଂହନାଥ ପୀଠ ଉନ୍ନତି ନିମନ୍ତେ ମାଷ୍ଟର ପ୍ଲାନ

261 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) 16th ବିଧାନସଭାର UDAQ No.-141/ Date 02.09.2021 ର ପ୍ରଶ୍ନ ଅନୁଯାୟୀ ମାନ୍ୟବର ମନ୍ତ୍ରୀଙ୍କ ପ୍ରତିଶୃତି ମୁତାବକ ବଲାଙ୍ଗୀର ଜିଲ୍ଲାରେ ହରିଶଙ୍କର ସହ ବରଗଡ ଜିଲ୍ଲାର ନୃସିଂହନାଥଠାରେ ପର୍ଯ୍ୟଟନ ଭିତ୍ତିଭୂମୀର ସାମଗ୍ରୀକ ଉନ୍ନୟନ ନିମନ୍ତେ ସରକାର ଏକ ମାଷ୍ଟର ପ୍ଲାନ କରିବା ପାଇଁ ପଦକ୍ଷେପ ନେଉଛନ୍ତି, ଏହି ମାଷ୍ଟର ପ୍ଲାନର ତଥ୍ୟ ଉପସ୍ଥାପନ କରି କେବେସୁଦ୍ଧା କେତେ ପାଣ୍ଠି ବିନିଯୋଗ କରି ହରିଶଙ୍କର ସହ ନୃସିଂହନାଥର ପର୍ଯ୍ୟଟନ ଭିତ୍ତିଭୂମୀର ବିକାଶ ସଂପୁର୍ଣ୍ଣ ହେବ ସ୍ପଷ୍ଟୀକରଣ ଦେବେକି, (ଖ) ହରିଶଙ୍କର ଓ ନୃସିଂହନାଥ ମଧ୍ୟରେ ଗମନାଗମନର ସୁବିଧା ପାଇଁ ପ୍ରସ୍ତାବିତ Rope Way Project କୁ ସରକାର ଅନ୍ୟତ୍ର ଉଠାଇ ନେଇଥିବା ଅଭିଯୋଗ ସତ୍ୟ କି, ଯଦି ସତ୍ୟ ନୁହେଁ କେବେସୁଦ୍ଧା କେତେ ପାଣ୍ଠି ବିନିଯୋଗରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ତା'ର ସବିଶେଷ ବିବରଣୀ ଉପସ୍ଥାପନ କରିବେକି?

----

**ସେବାଶ୍ରମ ସ୍କୁଲର Dilapidated Condition**

262 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା)ː**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-(କ) ବଲାଙ୍ଗୀର ଜିଲ୍ଲାର ଆଗଲପୁର ବ୍ଲକର ରାମପୁରଠାରେ ଥିବା ସର୍ବପୁରାତନ ସେବାଶ୍ରମ ସ୍କୁଲର Dilapidated Condition ରେଥିବା School Building/Class-room ଓ Hostel ଗୃହର ଏକ ସବିଶେଷ Status Report ଉପସ୍ଥାପନ କରିବା ସହ ଏହି ସେବାଶ୍ରମ ପାଇଁ 2019- 2020 ଆର୍ଥିକ ବର୍ଷଠାରୁ 2022- 2023 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସରକାର କେଉଁ ଯୋଜନାରେ ସର୍ବପୁରାତନ ସେବାଶ୍ରମ ସ୍କୁଲ ରାମପୁର ପାଇଁ କେତେ ପାଣ୍ଠି ଯୋଗାଇଛନ୍ତି ଓ କେତେ ପାଣ୍ଠି ଖର୍ଚ୍ଚ ହୋଇଛି, ସରକାର ବିଭିନ୍ନ ଯୋଜନାରେ ଦେଇଥିବା ପାଣ୍ଠିର Utilisation Certificate କୁ Review କରିବା ସହ ଏହି ସ୍କୁଲର ଭିତ୍ତିଭୂମି ଉପରେ ଏକ ସବିଶେଷ ବିବରଣୀ ଦେବେକି, (ଖ) ରାମପୁର ସେବାଶ୍ରମ ସ୍କୁଲର Dilapidated Condition ରେ ଥିବା ଭିତ୍ତିଭୂମି ଓ ହଷ୍ଟେଲ ଭିତ୍ତିଭୂମିକୁ ଅନୁଧ୍ୟାନ କରିବା ପାଇଁ ବିଭାଗ ତରଫରୁ ଏକ ଉଚ୍ଚସ୍ତରୀୟ କମିଟି ଏହି ବିଦ୍ୟାଳୟକୁ ପରିଦର୍ଶନ କରି ରାମପୁର ସେବାଶ୍ରମ ସ୍କୁଲର ଭିତ୍ତିଭୂମି ଉପରେ ଏକ ରିପୋର୍ଟ ଉପସ୍ଥାପନ କରିବେକି?

----

**ସେବାଶ୍ରମକୁ Upgrade କରି ଆଶ୍ରମ ସ୍କୁଲରେ ପରିଣତ**

263 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି)ː**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ରାଜ୍ୟରେ ମୋଟ କେତେ ଗୋଟି ସେବାଶ୍ରମ, ଆଶ୍ରମ, ହାଇସ୍କୁଲ ଅଛି, ଏହାର ଜିଲ୍ଲାର ନାମ ସହ ବ୍ଲକୱାରୀ ଛାତ୍ରଛାତ୍ରୀମାନଙ୍କର Strength ସହ ଗୋଟିଏ ତାଲିକା ପ୍ରଦାନ କରିବେ କି; (ଖ) ରାଜ୍ୟ ସରକାର କେତେଗୋଟି ସେବାଶ୍ରମକୁ Upgrade କରି ଆଶ୍ରମ ସ୍କୁଲ ଏବଂ କେତେ ଗୋଟି ଆଶ୍ରମ ସ୍କୁଲକୁ Upgrade କରି High School କରିବାକୁ ଯାଉଛନ୍ତି, ଏହାର ଗୋଟିଏ ତାଲିକା ପ୍ରଦାନ କରିବେ କି; ଆସନ୍ତା ବର୍ଷ ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଶ୍ରୀରାମ ଆଶ୍ରମ ସ୍କୁଲକୁ ଏବଂ ତୁରେଇକେଲା ବ୍ଲକର ଚାଉଲସୁଖା ଆଶ୍ରମ ସ୍କୁଲକୁ Upgrade କରି High School ରେ ପରିଣତ କରିବା ପାଇଁ ବିଚାର କରିବେ କି ?

----

## ରାଜ୍ୟରେ ଥିବା ଠିପିବନ୍ଦ ବିଦେଶୀ ମଦ ଦୋକାନ

264 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ମୋଟ କେତେ ଗୋଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ, BAR, ଦେଶୀ ମଦ ଭାଟି ( ମହୁଲୀ), ଅନ୍ୟ ଦେଶୀ ମଦ ଦୋକାନ ଅଛି ଏବଂ କେଉଁ କେଉଁ ସଂସ୍ଥାର ନାମରେ ଅଛି, ଏହାର ଗୋଟିଏ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି; (ଖ) 2019 - 20, 2020-21, 2021- 22, 2022-23 ରେ ସରକାରଙ୍କର Excise ଦ୍ୱାରା କେତେ ଟଙ୍କା ଆୟ ହୋଇଛି, ଏହାର ଗୋଟିଏ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ପଦକ୍ଷେପ

265 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟଟନ ସର୍କିଟ ଉନ୍ନୟନ ପାଇଁ ପ୍ରସ୍ତାବ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଉତ୍ତର 'ହଁ' ହେଲେ ସେହି ପ୍ରସ୍ତାବ ଆଧାରରେ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଫୁଲାମ୍ବାସ୍ଥିତ ଆବାସିକ ବିଦ୍ୟାଳୟକୁ ଉନ୍ନତିକରଣ

266 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଫୁଲାମ୍ବାସ୍ଥିତ ଆବାସିକ ବିଦ୍ୟାଳୟକୁ ଉନ୍ନତିକରଣ ପୂର୍ବକ ଯୁକ୍ତ 2 ମହାବିଦ୍ୟାଳୟରେ ପରିଣତ କରିବାପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଆଦିବାସୀ ବିଦ୍ୟାଳୟର ଖାଲିଥିବା ଶିକ୍ଷକ ପଦବୀ

267 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରଗଡ଼ ଜିଲ୍ଲାରେ କେତେ ସଂଖ୍ୟକ ଆଦିବାସୀ କଲ୍ୟାଣ ବିଦ୍ୟାଳୟ ରହିଛି; ଏଠାରେ ପଢୁଥିବା ଛାତ୍ର ଛାତ୍ରୀଙ୍କ ସଂଖ୍ୟା କେତେ ଓ ଏଥିପାଇଁ କେତୋଟି ଶିକ୍ଷକ ପଦବୀ ରହିଛି; ବର୍ତ୍ତମାନ କେତେଜଣ ଶିକ୍ଷକ ଓ ଅଣଶିକ୍ଷକ ପଦବୀରେ କର୍ମଚାରୀ ନାହାଁନ୍ତି ତାହା ଉଲ୍ଲେଖ କରିବେ କି ?

----

## ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ସଂଖ୍ୟା

268 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ବର୍ତ୍ତମାନ କେତୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଅଛି ଓ ଏଥିରେ କେତେ ମହିଳା ସଦସ୍ୟ ରହିଛନ୍ତି ଏହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ;(ଖ) ଜଣେ ମହିଳା କେତୋଟି ସ୍ୱୟଂ ସହାୟିକା ଗୋଷ୍ଠିରେ ସଦସ୍ୟ ହେବାର ନିୟମ ରହିଛି; ଗାଁ ଗହଳରେ ଜଣେ ଜଣେ ମହିଳା ଏକାଧିକ ସ୍ୱୟଂ ସହାୟିକା ଗୋଷ୍ଠିରେ ରହିଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି; ଯଦି 'ହଁ' ତେବେ ଏଦିଗରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ମହାନଦୀରେ ନୌ ପର୍ଯ୍ୟଟନରେ ପ୍ରସ୍ତାବ

269 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମହାନଦୀରେ ନୌ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଆବେଦନ କରି ପ୍ରତୀକ୍ଷାରେ ଥିବା ପଛୁଆବର୍ଗ ଜାତି

270 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ଜାତି ଗୁଡ଼ିକ ପଛୁଆବର୍ଗ ତାଲିକାଭୁକ୍ତ ହେବାପାଇଁ ଆବେଦନ କରି ପ୍ରତୀକ୍ଷାରେ ଅଛନ୍ତି, ସେମାନଙ୍କୁ ପଛୁଆବର୍ଗ ତାଲିକାଭୁକ୍ତ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ନୂତନ ଅଙ୍ଗନବାଡ଼ି ଓ ମିନି ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବା

271 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟର କେଉଁ କେଉଁ ଜିଲ୍ଲାରେ କେତୋଟି ନୂଆ ଅଙ୍ଗନବାଡ଼ି ଓ Mini Anganwadi କେନ୍ଦ୍ର ଖୋଲିବା ପାଇଁ ଯୋଜନା କରାଯାଇଛି ଜଣାଇବେ କି; (ଖ) ନର୍ଲା ନିର୍ବାଚନ ମଣ୍ଡଳୀର କେତୋଟି ପ୍ରସ୍ତାବ ଆସିଛି ଜଣାଇବେ କି ?

----

## ରାଜ୍ୟକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା

272 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟକୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବର୍ଷକୁ କେତେ; ରାଜ୍ୟ ବାହାରୁ କେତେ ପର୍ଯ୍ୟଟକ ଆସୁଛନ୍ତି ତାର ଆକଳନ କରାଯାଇଅଛି କି; କେଉଁ କେଉଁ ପର୍ଯ୍ୟଟନ କେନ୍ଦ୍ରକୁ ବହୁତ ପର୍ଯ୍ୟଟକ ଆସୁଛନ୍ତି; ଯେଉଁଠାକୁ ଅଧିକ ପର୍ଯ୍ୟଟକ ଆସୁଛନ୍ତି ସେଇଥିପାଇଁ ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ବିଚାର କରୁଛନ୍ତି କି ?

----

## ଆଖଣ୍ଡଳମଣି ମନ୍ଦିର ସୈନ୍ଦର୍ଯ୍ୟୀକରଣ ପାଇଁ ପଦକ୍ଷେପ

273 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭଦ୍ରକ ଜିଲ୍ଲାରେ ତଥା ରାଜ୍ୟରେ କେତେ ଗୋଟି ପର୍ଯ୍ୟଟନସ୍ଥଳୀ ଅଛି ଓ ତନ୍ମଧ୍ୟରୁ କେତୋଟି ପର୍ଯ୍ୟଟନସ୍ଥଳୀକୁ ବିଦେଶୀ ପର୍ଯ୍ୟଟକମାନେ ବିଶେଷ ପସନ୍ଦ କରୁଛନ୍ତି , ଆଖଣ୍ଡଳମଣୀ ମନ୍ଦିରର ସୌନ୍ଦର୍ଯ୍ୟୀ କରଣ ପାଇଁ ସରକାରଙ୍କର ଯୋଜନା କ'ଣ ?

----

## ବହୁ ଭାଷି ଶିକ୍ଷକ ନିଯୁକ୍ତି

274 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଅନୁସୂଚୀତ ଜନଜାତି ଛାତ୍ରଛାତ୍ରୀଙ୍କୁ ଶିକ୍ଷାଭିମୂଖି କରିବା ପାଇଁ କେଉଁ କେଉଁ ଜିଲ୍ଲାରେ କେତୋଟି ଆଦିବାସୀ ଭାଷାରେ କେତେଜଣ ବହୁ ଭାଷି ଶିକ୍ଷକ ନିଯୁକ୍ତି ଦିଆଯାଇଛି ଓ ସେମାନଙ୍କୁ ଦରମା ନା ପାରିଶ୍ରମିକ ଭିତ୍ତିରେ ନିଯୁକ୍ତି ଦିଆଯାଇଛି, ରାଜ୍ୟରେ ସମୁଦାୟ କେତୋଟି ଆଦିବାସୀ ଭାଷା ଅଛି ଓ କେତୋଟି ଭାଷାରେ ଶିକ୍ଷାଦାନ ଦିଆଯାଉଛି, ମାତୃଭାଷାରେ ଶିକ୍ଷାଦାନ ଫଳରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସ୍ୱାକ୍ଷରତା ହାର ଓ ଗୁଣାତ୍ମକ ଦୃଷ୍ଟି କୋଣରୁ କେତେ ଫଳ ପ୍ରଦ ହୋଇଛି, ସେହି ଶିକ୍ଷକମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ବିଚାର କରିବେ କି ?

----

## ପର୍ଯ୍ୟଟନ କ୍ଷେତ୍ରର ବିକାଶ

275 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ଅଧିକ ସଂଖ୍ୟକ ପର୍ଯ୍ୟଟକମାନଙ୍କ ଆଗମନ ନିମନ୍ତେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ବିକାଶ ନିମନ୍ତେ ସରକାର କୌଣସି ଯୋଜନା କରିଛନ୍ତି କି, (ଖ) ବାଙ୍କୀ ନିର୍ବାଚନ ମଣ୍ଡଳୀର ଡମପଡା ବ୍ଲକର ଗୟଳ ବାଙ୍କ ସ୍ଥାନଟିର ପ୍ରାକୃତିକ ପରିବେଶ ଅତ୍ୟନ୍ତ ଚିତାକର୍ଷକ ଏବଂ ଏହା ପାର୍ଶ୍ୱରେ ମହାନଦୀ ଅବସ୍ଥିତ, ଏଠାରେ ମହାନଦୀରେ ଗୋଟିଏ Water Sport ନିର୍ମାଣ କରାଗଲେ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଏଠାରେ ଗୋଟିଏ Water Sports ନିର୍ମାଣ କରିବା ଦିଗରେ ପଦକ୍ଷେପ ନେବେ କି ?

----

## ଐତିହ୍ୟକୁ ସଂରକ୍ଷଣ କରି ରଖିବା

276 **ଶ୍ରୀମତୀ ଲତିକା ପ୍ରଧାନ (କବିସୁର୍ଯ୍ୟ ନଗର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କବି ସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ଆଠଗଡର ଐତିହ୍ୟକୁ ସଂରକ୍ଷଣ କରି ରଖିବା ଲାଗି ସରକାର ଐତିହ୍ୟସ୍ଥଳୀ ରୂପେ ଘୋଷଣା କରିଛନ୍ତି, ଏଥିପାଇଁ ସରକାର କେତେ ଅର୍ଥ ଖର୍ଚ୍ଚ କରିଛନ୍ତି ତାହାର ଏକ ତଥ୍ୟ ପ୍ରଦାନ କରିବେ କି ?

----

## ଭାଷା ଓ ସଂସ୍କୃତିର ସଂରକ୍ଷଣ

277 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଉପାନ୍ତ ତଥା ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲ୍ଲାରେ ଓଡିଆ ଭାଷାର ଅନେକ ଉପଭାଷା ଦେଖିବାକୁ ମିଳେ, ସରକାରଙ୍କ ପକ୍ଷରୁ ଏହାର କେବେ ସର୍ଭେ କରାଯାଇଛି କି, ଲୋପ ପାଇଯାଉଥିବା ଉପଭାଷାଗୁଡିକର ସଂରକ୍ଷଣ ପାଇଁ କି କି ପଦକ୍ଷେପ ନିଆଯାଇଛି, ଭାଷା ଓ ସଂସ୍କୃତିର ସଂରକ୍ଷଣ ନିମନ୍ତେ ଉମରକୋଟଠାରେ ଏକ ସଂସ୍କୃତି ଭବନ, ପାଠାଗାର ଓ ପଠନଶାଳା ପ୍ରତିଷ୍ଠା କରିବାକୁ ସରକାର ଇଚ୍ଛୁକ ହେବେ କି ?

----

## BEd College କୁ କାର୍ଯ୍ୟକ୍ଷମ କରିବା

278 **ଶ୍ରୀ ପୁର୍ଣ ଚନ୍ଦ୍ର ବାକା (ଚିତ୍ରକୋଣ୍ଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମାଲକାନଗିରି ଠାରେ SC/ST Welfare Deptt. ତରଫରୁ ଦୀର୍ଘ ବର୍ଷ ହେଲା ଏକ BEd College Building କାମ ତିଆରି ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଉକ୍ତ BEd College କୁ ସରକାର ଚାଲୁନକରିବାର କାରଣ କଣ ଏବଂ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି ?

----

## ଦାରିଙ୍ଗବାଡିରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ

279 **ଶ୍ରୀ ସାଲୁଗା ପ୍ରଧାନ (ଜି.ଉଦୟଗିରି):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କନ୍ଧମାଳ ଜିଲ୍ଲାରେ ଦାରିଙ୍ଗବାଡି ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇଛି କି, ଯଦି ହଁ ତେବେ ଭିତ୍ତିଭୂମିର ବିକାଶ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ଜଣାଇବେ କି ?

----

## ପର୍ଯ୍ୟଟନସ୍ଥଳୀ ଗୁଡିକର ଭିତ୍ତିଭୂମିର ବିକାଶ

280 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ମାନ୍ୟତାପ୍ରାପ୍ତ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକୁ ଆକର୍ଷଣୀୟ କରି ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ କି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବା ସହ ଏହି ପର୍ଯ୍ୟଟନ ସ୍ଥଳୀ ଗୁଡିକର ଭିତ୍ତିଭୂମି ବିକାଶ ଯଥା - ରହଣୀ, ପରିବହନ, ରାସ୍ତା ନିର୍ମାଣ ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା ନିମନ୍ତେ କି ପଦକ୍ଷେପ ନିଆଯାଇଛି ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ବାବଦରେ ଅର୍ଥ ଖର୍ଚ୍ଚ

281 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା)ଃ**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଅନୁଯାୟୀ ୨୦୧୫ - ୧୬ ତୁଳନାରେ ୨୦୨୦ - ୨୧ ବେଳକୁ ଜନ୍ମରୁ ୫ ବର୍ଷ ମଧ୍ୟରେ ଜନଜାତି ଶିଶୁଙ୍କ ମୃତ୍ୟୁହାର ବୃଦ୍ଧି ପାଇଛି, ଏହି ସମୟ ମଧ୍ୟରେ ରାଜ୍ୟରେ ରକ୍ତହୀନତାରେ ପୀଡିତ ଗର୍ଭବତୀ ମହିଳାଙ୍କ ହାର ୪୭.୬% ରୁ ୬୧.୮% କୁ ବୃଦ୍ଧି ପାଇବା ଉଦବେଗଜନକ ନୁହେଁ କି, ଉପରୋକ୍ତ ୫ ବର୍ଷରେ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ବାବଦରେ ବିଭିନ୍ନ ଯୋଜନାରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏବଂ କେଉଁ ଦୁର୍ବଳତାରୁ ସେମାନଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟୁଛି - ସବିଶେଷ ତଥ୍ୟ ଜଣାଇବେ କି ?

----

## ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ

282 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତେଗୋଟି ପର୍ଯ୍ୟଟନ ସ୍ଥଳୀ ଅଛି ଓ କେଉଁ କେଉଁ ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ପ୍ରସ୍ତାବ ଅଛି, ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ଓଡଗାଁ ବ୍ଲକର ଶରଣକୁଳ ସ୍ଥିତ ଲଡୁବାବା ମନ୍ଦିର, ମା ଝାଡେଶ୍ୱରୀ ପୀଠ, ସିମିଳି ଜଳପ୍ରପାତ ଓ ରଣପୁର ବ୍ଲକର ମା ମଣିନାଗ, ଜଗନ୍ନାଥ ମନ୍ଦିର, କୋଟଗଡ ଗୁମ୍ଫା ଓ ଅସୁରକୁମାରୀ ଜଳପ୍ରପାତକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇ ଭିତ୍ତିଭୂମିର ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ତଅଁଳା ଜାତିକୁ ଅନୁସୂଚିତ ଜନଜାତି ଓ ଜାତି ତାଲିକା ଅନ୍ତର୍ଭୁକ୍ତ

283 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବହୁ ସଂଖ୍ୟାରେ ତଅଁଳା ଗୌଡ ସାମିଲି କନ୍ଧ ଗୌଡ ବସବାସ କରୁଛନ୍ତି ସେମାନଙ୍କ ବୈବାହିକ ଜୀବନ ଓ ଜୀବିକା, ପରମ୍ପରା ସମାନ ଥିବା ବେଳେ କନ୍ଧ ଗୌଡ ଅନୁସୂଚିତ ଜନଜାତି ତାଲିକାରେ ଥିବାବେଳେ ତଅଁଳା ଗୌଡ SC/ST List ରେ ନାହିଁ କେବେସୁଦ୍ଧା S.T List ରେ Tanla Gauda ଙ୍କୁ ଅନ୍ତର୍ଭୁକ୍ତ କରାଯିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବେ ?

----

## ଜଳ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ପାଇଁ ପଦକ୍ଷେପ

284 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାକୁ ଜଳ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ; ରାଜ୍ୟରେ କେତେ ଶ୍ରେଣୀର ପର୍ଯ୍ୟଟନ ଶିଳ୍ପ ଅଛି ; ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ସରକାରଙ୍କ କାର୍ଯ୍ୟକ୍ରମ କଣ?

----

## ଶ୍ରୀ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ

285 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଶ୍ରୀ ମନ୍ଦିରର ରକ୍ଷଣାବେକ୍ଷଣରେ ଅବହେଳା ରୋକିବା ସହିତ ବାରମ୍ବାର ପଥର ଖସୁଥିବା ରୋକିବା ପାଇଁ ସରକାରଙ୍କ ଯୋଜନା କଣ ; ଶ୍ରୀ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ସରକାରଙ୍କର ସ୍ୱତନ୍ତ୍ର ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି, ବିଶ୍ୱର ବିଭିନ୍ନ ଦେଶ ଓ କେଉଁ କେଉଁ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ହୋଇଛି ତା'ର କୌଣସି ବିବରଣୀ ଅଛି କି, ତିରୁପତି (ଭେଙ୍କଟେଶ୍ୱର) ମନ୍ଦିରର ଶୃଙ୍ଖଳିତ ପରିଚାଳନା ପରି ପୁରୀ ଶ୍ରୀମନ୍ଦିରକୁ ସେହିପରି ସମସ୍ତ କ୍ଷେତ୍ରରେ ଆଦର୍ଶ ପରିଚାଳନା କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସଙ୍କଳନର ସଂଶୋଧନ

286 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Achieves ଦ୍ୱାରା ସଂକଳିତ ଭାଷା ଭିତ୍ତିକ ଉତ୍କଳ ପ୍ରଦେଶ ଗଠନର ଇତିହାସରେ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଉପେକ୍ଷା କରାଯାଇଥିବା ସତ୍ୟ କି ; ଉତ୍ତର ହଁ ହେଲେ ଉକ୍ତ ସଂକଳନର ଅବିଳମ୍ବେ ସଂଶୋଧନ କରି ଏହିପରି ମହା ମନିଷୀମାନଙ୍କ ଆତ୍ମ ଜୀବନୀ ପାଠ୍ୟ ପୁସ୍ତକରେ ଆଗାମୀ ପିଢୀ ପାଇଁ ଠିକ ଭାବେ ସୂଚୀତ କରିବାକୁ ପ୍ରଚେଷ୍ଟା କରିବେ କି?

----

## Forest Right Act, 2006 ସମ୍ପର୍କରେ

287 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ Forest Right Act, 2006 କେବେ ସୁଦ୍ଧା କାର୍ଯ୍ୟକାରୀ ହେଲାଣି ; ବର୍ତ୍ତମାନ ସୁଦ୍ଧା ଏହି ଆଇନ ବଳରେ କେତେ ସଂଖ୍ୟକ ଅନୁସୂଚୀତ ଜନଜାତିର ଲୋକଙ୍କୁ କେତେ ପରିମାଣର ବାସଗୃହ ଓ ଚାଷଜମି ପାଇଁ ଅଥବା ଅନ୍ୟାନ୍ୟ ଉଦ୍ଦେଶ୍ୟରେ ପଟ୍ଟା ଦିଆଗଲାଣି ଓ କେତେ ଜଣ ପଟ୍ଟା ପାଇବା ଅପେକ୍ଷାରେ ଅଛନ୍ତି ; ସେମାନଙ୍କୁ କେବେ ସୁଦ୍ଧା ପଟ୍ଟା ଦିଆଯିବ ; କିଛି ହିତାଧିକାରୀ ପଟ୍ଟା ପାଇ ମଧ୍ୟ ଜମି ଚିହ୍ନଟ କରାଯାଇ ପାରିନଥିବା ସତ୍ୟ କି ; ଏହାର ପ୍ରତିକାର ପାଇଁ ସରକାର ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ; ଅନୁସୂଚୀତ ଜନଜାତି ରଖିତ ଜଙ୍ଗଲ ଜମି ପଟ୍ଟା ନିମନ୍ତେ କେଉଁ କେଉଁ Document ର ଆବଶ୍ୟକତା ଅଛି ଏବଂ କେତେ ପରିମାଣ ପର୍ଯ୍ୟନ୍ତ ପଟ୍ଟା ଦେବାର ନିୟମ ରହିଛି?

----

## J.M.F.C କୋର୍ଟ ଖୋଲିବାରେ ବିଳମ୍ୱ

288 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲା ବନ୍ତଠାରେ J.M.F.C କୋର୍ଟ ଖୋଲିବା ପାଇଁ ସରକାର ଓ ମାନ୍ୟବର ହାଇକୋର୍ଟ ମଞ୍ଜୁର ଦେଇଥିଲେ ମଧ୍ୟ ତାହା ଖୋଲିବାରେ ବିଳମ୍ୱ ହେବାର କାରଣ କଣ ଓ ତାହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ କହିବେ କି ; ରାଜ୍ୟରେ ମୋଟ J.M.F.C Court ସଂଖ୍ୟା କେତେ ଓ କେତୋଟି Court ନୂତନ ଭାବେ ଖୋଲିବା ପାଇଁ ପ୍ରସ୍ତାବ ଅଛି?

----

## ରାମଚନ୍ଦ୍ର ମିଶ୍ରଙ୍କ ଜନ୍ମଦିନ ପାଳନ

289 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାର ପଥିତଯଶା ନାଟ୍ୟକାର ସ୍ୱର୍ଗତ ରାମଚନ୍ଦ୍ର ମିଶ୍ରଙ୍କ ଜନ୍ମ ଦିବସ (ପ୍ରତ୍ୟେକ ବର୍ଷ) ଅକ୍ଟୋବର 12 ତାରିଖକୁ ରାଜ୍ୟ ସରକାର ସମ୍ପୃକ୍ତ ବିଭାଗ ତରଫରୁ ବାର୍ଷିକ କ୍ୟାଲେଣ୍ଡରରେ ସ୍ଥାନିତ କରାଯାଇ ଯଥାରିତି ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଏ ଦିଗରେ କି କି ପଦକ୍ଷେପ ଗ୍ରହଣ କରାଯାଇଛି ଜଣାଇବେ କି?

----

## Present Status of Ashram School

290 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- What is the present status of proposal upgradation of Badasilinga Ashram School to Government (SSD) High School; Will the Government take proactive steps to do so for the greater interest of the tribal students?

----

## Upgradation School

291 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Is there any proposal to upgrade Government(SSD) High School, Dimiripalli and Government (SSD) High School, Takera to Higher Secondary School situated under Nuagaon and Daspalla Block respectively; If so what steps are being taken in this regard?

----

## ଭିତ୍ତିଭୂମିର ବିକାଶ

292 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶପଲ୍ଲା ବ୍ଲକର ଭିମିରା ପାହାଡ ଓ ଗଣିଆ ବ୍ଲକର ଭୋଳେଶ୍ୱର ପୀଠର ଭିତ୍ତିଭୂମିର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ଥିଲେ ; ଏ ଦିଗରେ କି କି ପଦକ୍ଷେପ ନିଆଯାଇଛି ଓ କେବେ ସୁଦ୍ଧା ପ୍ରସ୍ତାବିତ ଭିତ୍ତିଭୂମିର କାର୍ଯ୍ୟ ଆରମ୍ଭ କରାଯିବ ଜଣାଇବେ କି?

----

## ଭିମିରା ପାହାଡକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା

293 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶପଲ୍ଲା ବ୍ଲକର ଖମାରସାହି ପଞ୍ଚାୟତରେ ଥିବା ପ୍ରସିଦ୍ଧ ଐତିହାସିକ ଭିମିରା ପାହାଡ ଲକ୍ଷ୍ୟାଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ ; ଉକ୍ତ କ୍ଷେତ୍ରକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ପ୍ରସ୍ତାବ ଥିଲେ ଏ ଦିଗରେ କି କି ପଦକ୍ଷେପ ଗ୍ରହଣ କରାଯାଇଛି?

----

## ପ୍ରତିମୂର୍ତ୍ତୀ ପ୍ରତିଷ୍ଠା

294 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସମାଜର ପୂର୍ବତନ ସମ୍ପାଦକ ଡକ୍ଟର ରାଧାନାଥ ରଥ, ପ୍ରଗତିବାଦୀର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ, ଗୀତିନାଟ୍ୟକାର ବାଳକୃଷ୍ଣ ମହାନ୍ତିଙ୍କର ରାଜଧାନୀ ଭୁବନେଶ୍ୱରରେ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତୀ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## କଳାକାରଙ୍କୁ ସମ୍ମାନ ପ୍ରଦାନ

295 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପାଲାଗାୟକ, ପାଲାବାୟକ, ପାଲା ପାଳିଆ, ଧୁଡୁକୀ ନାଚ, ଗୋଟିପୁଅ ନୃତ୍ୟ, ଲଉଡି ନୃତ୍ୟ, ଗ୍ରାମାଞ୍ଚଳ ମଞ୍ଚ କଳାକାର, ଦଣ୍ଡନୃତ୍ୟ କଳାକାରମାନଙ୍କୁ ବିଭାଗ ତରଫରୁ ସମ୍ମାନିତ କରିବା ପାଇଁ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ପାଠାଗାରରେ ନିଯୁକ୍ତି

296 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଭାଗ ଦ୍ୱାରା ପରିଚାଳିତ କେଉଁ ପାଠାଗାରରେ ମଞ୍ଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲିଅଛି ; ତାହାର ପାଠାଗାରୱାରୀ ତାଲିକା ଦର୍ଶାଇ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ଓ ଏହି ପଦବୀରେ ନୂତନ ନିୟମିତ ନିଯୁକ୍ତି ପର୍ଯ୍ୟନ୍ତ ଆଉଟସୋର୍ସିଂ ମାଧ୍ୟମରେ ଉପରୋକ୍ତ ପଦବୀରେ କର୍ମଚାରୀ ନିୟୋଜନ କରି ପାଠାଗାର କାର୍ଯ୍ୟ ସୁସମ୍ପାଦନ ନିମନ୍ତେ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ନୌବାଣିଜ୍ୟ ସଂଗ୍ରହାଳୟର ସମ୍ପ୍ରସାରଣ

297 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଯୋବ୍ରାଠାରେ ଥିବା ନୌବାଣିଜ୍ୟ ସଂଗ୍ରହାଳୟର ଆଧୁନିକୀକରଣ ଓ ସମ୍ପ୍ରସାରଣ ସହ ଏହାପ୍ରତି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସାଧୁ ସୁନ୍ଦର ପୀଠର ଉନ୍ନତିକରଣ

298 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସାଧୁ ସୁନ୍ଦର ପୀଠର ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନତି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ମଦ ଦୋକାନ ଖୋଲିବା ସମ୍ପର୍କରେ

299 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୂତନ ବିଦେଶୀ ଠିପି ଖୋଲା ଓ ଠିପି ବନ୍ଦ ମଦ ଦୋକାନ ଖୋଲିବା ପାଇଁ ସ୍ଥାନୀୟ ଲୋକ/ ଗ୍ରାମ ସଭାର ଅନୁମତି ଜରୁରୀ କି; 2021 ଏବଂ 2022 କ୍ୟାଲେଣ୍ଡର ବର୍ଷରେ କେତେ ନୂତନ ଉଭୟ ଠିପି ବନ୍ଦ ଓ ଠିପି ଖୋଲା ମଦ ଦୋକାନ କୋରାପୁଟ ଜିଲ୍ଲାରେ ଖୋଲିବା ପାଇଁ ସରକାର ପ୍ରସ୍ତାବ ରଖିଥିଲେ, କେତେ ପାଇଁ ବିଧିବଦ୍ଧ ସରକାରୀ ଘୋଷଣା ତଥା ଟେଣ୍ଡର ହୋଇଛି, ସ୍ଥାନୀୟ ଲୋକଙ୍କ ପ୍ରତିବାଦ ଯୋଗୁ କେତେ ସ୍ଥାନରେ ନୂତନ ଠିପି ବନ୍ଦ ଓ ଠିପି ଖୋଲା ମଦ ଦୋକାନ ଖୋଲାଯାଇ ପାରିନାହିଁ ?

----

## ମିଶନ ଶକ୍ତି ବିଭାଗର ମୂଳ ଆଭିମୁଖ୍ୟ

300 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମିଶନ ଶକ୍ତି ବିଭାଗର ମୂଳ ଆଭିମୁଖ୍ୟ କ'ଣ, ଏଥିରେ ସାମିଲ ହୋଇଥିବା ମହିଳାମାନଙ୍କୁ କେତେ ରାଜନୈତିକ କାର୍ଯ୍ୟରେ ନିୟୋଜିତ କରାଯାଉଛି, ସଦ୍ୟ ସମାପ୍ତ ଧାମନଗର ଉପ ନିର୍ବାଚନରେ ତାହାର ପ୍ରମାଣ ମିଳିଛି କି, ଯେଉଁ ମହିଳାମାନେ ଶାସକ ଦଳର ହାତବାରିସୀ ସାଜି ପ୍ରଚାର କରୁଥିଲେ ଓ ଟଙ୍କା ବାଣ୍ଟୁ ଥିଲେ, ସେମାନଙ୍କ ବିରୁଦ୍ଧରେ ଆପଣଙ୍କ ବିଭାଗ ପକ୍ଷରୁ କି କି କାର୍ଯ୍ୟାନୁଷ୍ଠାନ କାର୍ଯ୍ୟାନୁଷ୍ଠାନ ହେବ ?

----

## ଗଞ୍ଜେଇ ଚାଲାଣ

301 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଗତ ୩ ବର୍ଷ ମଧ୍ୟରେ କୋରାପୁଟ ଜିଲ୍ଲାରେ କେତେ ଗଞ୍ଜେଇ ଚାଲାଣ ମାମଲା ଧରା ପଡିଛି, କେତେ ଗଞ୍ଜେଇ ଜବତ ହୋଇଛି, କେତେଜଣ ଗିରଫ ହୋଇଛନ୍ତି ଓ କେତେ ଗାଡି ମୋଟର ଜବତ ହୋଇଛି, (ଖ) ଗିରଫ ହୋଇଥିବା ଚାଲାଣକାରୀଙ୍କ ମଧ୍ୟରେ ଓଡିଶାର ଅଧିବାସୀ କେତେ ଓ ରାଜ୍ୟ ବାହାରର ଲୋକ କେତେ, କେତେ ମହିଳା ଚାଲାଣକାରୀ ଗିରଫ ହୋଇଛନ୍ତି ?

----

## 108 ଶିବଲିଙ୍ଗ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା

302 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କାଠରଗଡା ପଞ୍ଚାୟତରେ ଥିବା ବୃହତ ପାହାଡରେ ୧୦୪ ଟି ଶିବ ଲିଙ୍ଗ ଓ ଝରଣାଥିବା କଥା ସରକାରଙ୍କ ନଜରକୁ ଆସିଛି କି, ଏଠାକୁ ପ୍ରତ୍ୟେକ ବର୍ଷ ହଜାର ହଜାର ପର୍ଯ୍ୟଟକ ଉଭୟ ଦର୍ଶନ/ପୂଜାପାଠ ଓ ବଣଭୋଜି ପାଇଁ ଆସୁଛନ୍ତି କି, ଏହାସତ୍ତ୍ୱେ ଏହାକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ନ ମିଳିବାର କାରଣ କଣ, (ଖ) ତୁରନ୍ତ ଏହାର ଉନ୍ନତିକରଣ ପାଇଁ ଅର୍ଥ ବରାଦ ହେବ କି ?

----

## ମନ୍ଦିରକୁ ଅନୁଦାନ ପ୍ରଦାନ

303 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଗତ ପାଞ୍ଚ ବର୍ଷ କୋରାପୁଟ ଜିଲ୍ଲାରେ ଥିବା କେତେ ନୂତନ ମନ୍ଦିର/ଉପାସନାସ୍ଥଳୀକୁ ଦେବୋତ୍ତର ପରିସରଭୁକ୍ତ କରାଯାଇଛି ତାହାର ତାଲିକା ଦେବେ କି, (ଖ) ସେହିପରି ଭାବେ ଦେବୋତ୍ତର ପରିସରଭୁକ୍ତ ହୋଇଥିବା କେତେ ମନ୍ଦିରକୁ କେତେ ଟଙ୍କାର ଅନୁଦାନ ଦିଆଯାଇଛି ତାହାର ସବିଶେଷ ତଥ୍ୟ ଦେବେ କି ?

----

## ପର୍ଯ୍ୟଟନସ୍ଥଳୀ ପରିଭ୍ରମଣର ସୁଯୋଗ ସୃଷ୍ଟି

304 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାରେ ପର୍ଯ୍ୟଟକମାନଙ୍କୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପରିଭ୍ରମଣର ସୁଯୋଗ ସୃଷ୍ଟି ସହ ସେମାନଙ୍କ ରହଣି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଋଣ ପାଇଥିବା ହିତାଧିକାରୀଙ୍କ ସଂଖ୍ୟା

305 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାରେ ବିଗତ ତିନି ବର୍ଷରେ ଓଡ଼ିଶା ଅନୁସୂଚିତ ଜନଜାତି, ଅର୍ଥ ସମବାୟ ନିଗମ ତରଫରୁ କେତେଜଣ ହିତାଧିକାରୀଙ୍କୁ ଆତ୍ମନିଯୁକ୍ତି ପାଇଁ କେତେ ଋଣ ଯୋଗାଇ ଦିଆଯାଇଅଛି ?

----

## ପ୍ରତ୍ୟେକ ଗ୍ରାମରେ ମହିଳା ସମିତି ଗୃହ ନିର୍ମାଣ

306 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାରେ ପ୍ରତ୍ୟେକ ଗ୍ରାମରେ ମହିଳା ସମିତି ଗୃହ ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ପାଠାଗାର ଓ ସଭାଗୃହ ପ୍ରତିଷ୍ଠା

307 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲା ସଂସ୍କୃତି ପାଠାଗାରର ବିକାଶ ସାଧନ କରିବା ସହ ପ୍ରତ୍ୟେକ ଉପଖଣ୍ଡରେ ସଂସ୍କୃତି ବିଭାଗ ତରଫରୁ ଉନ୍ନତମାନର ପାଠାଗାର ଓ ସଭାଗୃହ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ମାମଲା ସଂଖ୍ୟା ହ୍ରାସ ପାଇଁ ପଦକ୍ଷେପ

308 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ଅଦାଲତ ମାନଙ୍କରେ କେତେଗୋଟି ମାମଲା ବିଚାରାଧିନ ଅଛି, ବିଗତ ପାଞ୍ଚ ବର୍ଷରେ କେତୋଟି ମାମଲାର ଫଇସଲା ହୋଇଛି ପ୍ରକାଶ କରି ମାମଲା ସଂଖ୍ୟା ହ୍ରାସ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଜଳୌକା ଆନନ୍ଦଧାମକୁ ପର୍ଯ୍ୟଟନସ୍ଥଳୀ ଘୋଷଣା

309 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସାଲେପୁର ନିର୍ବାଚନ ମଣ୍ଡଳୀର ଟାଙ୍ଗୀ ବ୍ଲକରେ ଥିବା ବାବା ବୈକୁଣ୍ଠ ନାଥ ବ୍ରହ୍ମଚାରୀଙ୍କ ପ୍ରତିଷ୍ଠିତ ଜଳୌକା ଆନନ୍ଦଧାମକୁ ପର୍ଯ୍ୟଟନସ୍ଥଳୀ ଘୋଷଣା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ, ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## କଟକ ଜିଲ୍ଲାର ହିତାଧିକାରୀଙ୍କ ତାଲିକା

310 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରେ ବିଗତ ତିନି ବର୍ଷରେ କେତେଜଣ ହିତାଧିକାରୀଙ୍କୁ ଅନୁସୂଚିତ ଜାତି ଅର୍ଥ ସମବାୟ ନିଗମ ପକ୍ଷରୁ ଆତ୍ମନିଯୁକ୍ତି ନିମନ୍ତେ କେତେ ଋଣ ପ୍ରଦାନ କରାଯାଇଛି ତାହାର ତାଲିକା ପ୍ରଦାନ କରିବେକି?

----

## ଟାଙ୍ଗୀରେ କର୍ମଜିବୀ ମହିଳା ନିବାସ ପ୍ରତିଷ୍ଠା

311 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସାଲେପୁର ନିର୍ବାଚନମଣ୍ଡଳୀର ଟାଙ୍ଗୀ ଏକ ଶିଳ୍ପ ବହୁଳ ଅଂଚଳ ହେବାକୁ ଯାଉଥିବାବେଳେ ଏଠାରେ କର୍ମଜିବୀ ମହିଳାଙ୍କ ରହଣୀ ପାଇଁ କର୍ମଜିବୀ ମହିଳା ନିବାସ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## କଉଡି ଖେଳର ବିକାଶ ପାଇଁ ପଦକ୍ଷେପ

312 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଶ୍ରୀଜଗନ୍ନାଥ ଚେତନା ଓ ରାଧାକୃଷ୍ଣ ଲୀଳାକୁ ନେଇ ଓଡିଶାର ଆଧ୍ୟାତ୍ମିକ ଲୋକକଳା ଲଉଡି ଖେଳର ସୁରକ୍ଷା, ବିକାଶ ଓ ଗବେଷଣା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି, ବର୍ତ୍ତମାନ ସୁଦ୍ଧା କେଉଁ ଜିଲ୍ଲାର କେତେଗୋଟି ଲଉଡି ଦଳକୁ ବିଭାଗ ତରଫରୁ ପଂଜିକରଣ କରାଯାଇଛି, ଅଧିକ ଲଉଡି ଦଳକୁ ପଂଜିକରଣ କରିବା ସହ ଲଉଡି ନୃତ୍ୟର ପ୍ରଚାର ଓ ପ୍ରସାର ସହ ରାଜଧାନୀ ଭୁବନେଶ୍ୱର ସହ ବିଭିନ୍ନ ଜିଲ୍ଲା ଓ ଉପଖଣ୍ଡ ସଦର ମହକୁମାରେ ଲଉଡି ମହୋତ୍ସବ ଆୟୋଜନ ପାଇଁ ସରକାର ବ୍ୟବସ୍ଥା କରିବେକି?

----

## ଗ୍ରନ୍ଥାଗାରିକଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା

313 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଭାଗ ଅଧିନରେ କାର୍ଯ୍ୟରତ ଗ୍ରନ୍ଥାଗାରିକ ବର୍ଗ 2, ଗ୍ରନ୍ଥାଗାରିକ ବର୍ଗ ୩, ସହକାରୀ ଗ୍ରନ୍ଥାଗାରିକ, କନିଷ୍ଠ ଗ୍ରନ୍ଥାଗାରିକ, ଗ୍ରନ୍ଥାଗାର ସହକାରୀ ପଦବୀ ପାଇଁ କେଉଁ ଶିକ୍ଷାଗତ ଓ ବୈଷୟିକ ଯୋଗ୍ୟତା ଧାର୍ଯ୍ୟ କରାଯାଇଅଛି, ଉପରୋକ୍ତ ପଦବୀ ପାଇଁ କେଉଁ ବେତନ କମିଶନରେ କେତେ ବେତନ ହାର ଓ ଗ୍ରେଡ୍ ପେ ଧାର୍ଯ୍ୟ ହୋଇଥିବାବେଳେ ବର୍ତ୍ତମାନ ସହକାରୀ ଗ୍ରନ୍ଥାଗାରିକ ଓ ଏହି ପଦବୀରୁ ଗ୍ରନ୍ଥାଗାରିକ ବର୍ଗ ୩ ପଦବୀକୁ ପଦୋନ୍ନତି ପରେ ସମାନ ଗ୍ରେଡ ପେ, ପ୍ରଚଳିତ ଥିବା ପରିପ୍ରେକ୍ଷୀରେ ପଦୋନ୍ନତି ପରେ ଗ୍ରନ୍ଥାଗାରିକମାନେ କଣ ଅଧିକ ସୁବିଧା ପାଉଛନ୍ତି, ଗ୍ରନ୍ଥାଗାରିକ ବର୍ଗ ୩ ପାଇଁ ନୂତନ ଗ୍ରେଡ୍ ପେ ପ୍ରଚଳନ ପାଇଁ ବିଭାଗ ତରଫରୁ କେଉଁ ପତ୍ର ସଂଖ୍ୟା ଓ ତାରିଖରେ ଅର୍ଥ ବିଭାଗକୁ ସୁପାରିଶ ହୋଇଛି ତାହାର ବିବରଣୀ ଦର୍ଶାଇ ଗ୍ରନ୍ଥାଗାରିକ ବର୍ଗ ୩ ପଦବୀରେ ଗ୍ରେଡ୍ ପେ ବୃଦ୍ଧି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## କାର୍ଯ୍ୟକ୍ଷମ ଥିବା ପାଠିକା ଓ ପାଠଶାଳାର ନାମ

314 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ କେଉଁ ସ୍ଥାନରେ ପ୍ରତିଷ୍ଠିତ ପାନ୍ଥିକା ଓ ପାନ୍ଥଶାଳା ମଧ୍ୟରୁ କେଉଁଗୁଡିକ କାର୍ଯ୍ୟକ୍ଷମ ଅଛି ଓ ବିଗତ ତିନି ବର୍ଷରେ ଏଗୁଡିକ କେତେ ଲାଭ ଓ କ୍ଷତି କରିଛି, କେଉଁଗୁଡିକୁ ଲିଜ୍ ସୂତ୍ରରେ ମାସିକ କେତେ ଭଡାରେ କେଉଁମାନଙ୍କୁ ଦିଆଯାଇଛି ଓ ସେମାନଙ୍କ ଉପରେ କେତେ ଦେୟ ବକେୟା ଅଛି ତାହା ଆଦାୟ କରିବାକୁ ବ୍ୟବସ୍ଥା ସହ, କେଉଁଗୁଡିକ ଅଚଳ ଅବସ୍ଥାରେ ଥାଇ ଜବରଦଖଲ ହୋଇଛି, ଏହାକୁ ଜବରଦଖଲମୁକ୍ତ କରିବା ସହ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## କଲ୍ୟାଣ ବିଦ୍ୟାଳୟ ଓ ଆବାସିକ ବିଦ୍ୟାଳୟରେ ଖାଲିଥିବା ପଦବୀ

315 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଢେଙ୍କାନାଳ ଜିଲ୍ଲାରେ ପ୍ରତିଷ୍ଠିତ କେଉଁ କଲ୍ୟାଣ ବିଦ୍ୟାଳୟ ଓ ଆବାସିକ ବିଦ୍ୟାଳୟରେ କେତେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ଓ ଏଠାରେ ମଂଜୁରୀପ୍ରାପ୍ତ ଶିକ୍ଷକ, କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି ଏବଂ ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଜବତ ବ୍ରାଉନ ସୁଗାରର ପରିମାଣ

316 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ରାଜ୍ୟରେ କେତେ ବ୍ରାଉନ ସୁଗାର ଜବତ ହୋଇଛି ପ୍ରକାଶ କରି ଏହି ବ୍ୟବସାୟ ରାଜ୍ୟରୁ ମୂଳୋତ୍ପାଟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଢେଙ୍କାନାଳ ଜିଲ୍ଲାରେ ଥିବା କର୍ମଜିବୀ ମହିଳା ନିବାସ

317 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଢେଙ୍କାନାଳ ଜିଲ୍ଲାରେ କର୍ମଜିବୀ ମହିଳାମାନଙ୍କ ରହଣୀ ପାଇଁ କେତୋଟି କର୍ମଜିବୀ ମହିଳା ନିବାସ ପ୍ରତିଷ୍ଠା ହୋଇଛି ପ୍ରକାଶ କରି ଜିଲ୍ଲାରେ ଅଧିକ କର୍ମଜୀବୀ ମହିଳା ନିବାସ ପ୍ରତିଷ୍ଠା ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେକି?

----

## ଦେବୋତ୍ତର ସଂସ୍ଥାର ନୂତନ ଟ୍ରଷ୍ଟ ବୋର୍ଡ ଗଠନ

318 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜିଲ୍ଲାରେ ପ୍ରତିଷ୍ଠିତ କେଉଁ ଦେବୋତ୍ତର ସଂସ୍ଥାର ଟ୍ରଷ୍ଟ ବୋର୍ଡ ଗଠନ ହୋଇନାହିଁ ପ୍ରକାଶ କରି ନୂତନ ଟ୍ରଷ୍ଟ ବୋର୍ଡ ଗଠନ ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବେକି?

----

## ବାଲ୍ୟ ବିବାହ ରୋକିବା ନିମନ୍ତେ ରଣନୀତି

319 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟକୁ ବାଲ୍ୟ ବିବାହ ମୁକ୍ତ ରଖିବା ଲକ୍ଷ୍ୟରେ ସରକାର 2019 ଅକ୍ଟୋବରରେ ସ୍ୱତନ୍ତ୍ର ରଣନୀତି ଯୋଜନା କାର୍ଯ୍ୟକାରୀ କରିବା ସତ୍ତ୍ୱେ ପରବର୍ତ୍ତୀ ଦୁଇବର୍ଷରେ ତାହା ବୃଦ୍ଧିପାଇଁ 142 ରେ ପହଞ୍ଚିବା ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ରିପୋର୍ଟରୁ ଜଣାପଡ଼ିଛି ସୁତରାଂ ସେହି ରଣନୀତି ବିଫଳ ହୋଇଛି କି; ଅନ୍ୟପକ୍ଷରେ ବିବାହ ଯୋଗୁଁ ବୟସ ବୃଦ୍ଧି ପରେ ବାଲ୍ୟ ବିବାହ ଭଳି କୁ -ସଂସ୍କାର ରୋକିବା ନିମନ୍ତେ ସରକାରଙ୍କ ନୂଆ ରଣନୀତି କଣ ସବିଶେଷ ସୂଚନା ଦେବେ କି ?

----

## ଜାତି, ଜନଜାତି ସମ୍ପ୍ରଦାୟର ଲୋକଙ୍କ ପ୍ରତି ଅତ୍ୟାଚାର ବୃଦ୍ଧି

320 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ରିପୋର୍ଟ ଅନୁଯାୟୀ 2021 ସୁଦ୍ଧା ବିଗତ 3 ବର୍ଷ ଧରି ଆମ ରାଜ୍ୟରେ ଜାତି, ଜନଜାତି ସମ୍ପ୍ରଦାୟର ଲୋକଙ୍କ ପ୍ରତି ଅତ୍ୟାଚାର ମାମଲା ବୃଦ୍ଧି ପାଇଛି, ଏହାର କାରଣ କଣ; ବିଭିନ୍ନ କୋର୍ଟରେ ବିଚାରଧୀନ ଥିବା ଏ ସଂକ୍ରାନ୍ତ ମାମଲା ସଂଖ୍ୟା କେତେ ଓ ବିଚାର ଶେଷ ହୋଇଥିବା ମାମଲା ଗୁଡ଼ିକରେ ଦୋଷୀସାବ୍ୟସ୍ତ ହାର କେତେ ଜିଲ୍ଲାୱାରୀ ତଥ୍ୟ ଦେବେ କି ?

----

## ପୁରୀ ଶ୍ରୀ ମନ୍ଦିରର ମରାମତି ଓ ରକ୍ଷଣାବେକ୍ଷଣ

321 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ASI) କେବେଠାରୁ ପୁରୀ ଶ୍ରୀମନ୍ଦିରର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛି ଓ ସେବାବଦରେ ଏ ପର୍ଯ୍ୟନ୍ତ କେତେ ଟଙ୍କା ଖର୍ଚ୍ଚ କରିଛି; ମରାମତି ପ୍ରକ୍ରିୟାରେ ପରିବର୍ତ୍ତୀତ ତଥା ସ୍ଥାନାନ୍ତରୀତ ପ୍ରାଚୀନ ମୂର୍ତ୍ତୀ ଓ କାରୁକାର୍ଯ୍ୟର ସଂରକ୍ଷଣ ସଂକ୍ରାନ୍ତରେ ASI କର୍ତ୍ତୃପକ୍ଷ ଶ୍ରୀ ମନ୍ଦିର ପ୍ରଶାସନକୁ ସବିଶେଷ ରିପୋର୍ଟ ଦେଇଛନ୍ତି କି ; ଯଦି ହଁ , ତେବେ ରିପୋର୍ଟର ସବିଶେଷ ତଥ୍ୟ ଦେବାସହ ପ୍ରାଚୀନ କାରୁକାର୍ଯ୍ୟର ସଂରକ୍ଷଣ ଓ ସ୍ଥିତି ସଂକ୍ରାନ୍ତରେ ନିୟମିତ ଯାଞ୍ଚ ହେଉଛି କି ନାହିଁ ଜଣାଇବେ କି ?

----

## ଶ୍ରୀ ମନ୍ଦିରରେ ପୂର୍ଣ୍ଣକାଳୀନ ପ୍ରଶାସକ ନିଯୁକ୍ତି

322 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପୁରୀ ଶ୍ରୀ ମନ୍ଦିରର ସୁପରିଚାଳନା ନିମନ୍ତେ ପୂର୍ଣ୍ଣକାଳୀନ ପ୍ରଶାସକ ନିଯୁକ୍ତି ସକାଶେ ମାନ୍ୟବର ସୁପ୍ରିମ କୋର୍ଟ ମିଆଦ ଧାର୍ଯ୍ୟ କରିଥିଲେ କି; ଯଦି ହଁ, ତେବେ କେବେ ସୁଦ୍ଧା ତାହା କାର୍ଯ୍ୟକାରୀ ହେବ ଜଣାଇବା ସହ ଏ ସକ୍ରାନ୍ତରେ ରାଜ୍ୟ ସରକାର ସୁପ୍ରିମ କୋର୍ଟରେ ଦାଖଲ କରିଥିବା ସତ୍ୟପାଠ ସମ୍ପର୍କରେ ତଥ୍ୟ ପ୍ରଦାନ କରିବେ କି ?

----

## ନୃସିଂହ ମନ୍ଦିରକୁ ପର୍ଯ୍ୟଟନ ସ୍ଥଳୀଭାବେ ଘୋଷଣା

323 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲାର Bellguntha NAC ରେ ନୃସିଂହ ମନ୍ଦିରକୁ ପର୍ଯ୍ୟଟନ ବିଭାଗ ପର୍ଯ୍ୟଟନସ୍ଥଳୀଭାବେ ଘୋଷଣା କରିବାପାଇଁ ପଦକ୍ଷେପ ନେବେ କି; ସମ୍ପୂର୍ଣ୍ଣ ତଥ୍ୟ ଗୃହକୁ ଜଣାଇବେ କି ?

----

## ଅଙ୍ଗନୱାଡ଼ି କେନ୍ଦ୍ରପାଇଁ ଅର୍ଥ ବରାଦ

324 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲାର Sorada Block / NAC ଅଙ୍ଗନବାଡ଼ି ଗୃହ ଅସମ୍ପୂର୍ଣ୍ଣ ଅଛି, କିଛି ଅର୍ଥ ବରାଦ କଲେ ଗୃହ ସମ୍ପୂର୍ଣ୍ଣ କରିବାପାଇଁ ପଦକ୍ଷେପ ନେଇ ଗୃହକୁ ଜଣାଇବେ କି ?

----

## ଓକିଲ ମାନଙ୍କୁ ଦରମା ଭତ୍ତା ପ୍ରଦାନ

325 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲାର ସମସ୍ତ କୋର୍ଟ କାର୍ଯ୍ୟରତ ସରକାରୀ ଓକିଲ ମାନଙ୍କର ଦରମା ଭତ୍ତା ପ୍ରଦାନ କରାଯାଇନାହିଁ, ଏଣୁ ସରକାର ଶୀଘ୍ର ପଦକ୍ଷେପ ନେଇ ଗୃହକୁ ଜଣାଇବେ କି ?

----

## ଚୋରା ମଦ କାରବାର ରୋକିବା ପାଇଁ ପଦକ୍ଷେପ

326 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଞ୍ଜାମ ଜିଲ୍ଲାର Sorada Block ର ଅଶୁରବନ୍ଧ ଗ୍ରାମରେ ଚୋରାମଦ କାରବାର ବୃଦ୍ଧି ହୋଇ ଅଛି, ସରକାର କି କି ପଦକ୍ଷେପ ନେଇଛନ୍ତି, ସମ୍ପୂର୍ଣ୍ଣ ତଥ୍ୟ ଗୃହକୁ ଜଣାଇବେ କି ?

----

## ଶିବମନ୍ଦିର ପାଇଁ ଅର୍ଥ ବ୍ୟବସ୍ଥା

327 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ 22 ବର୍ଷ ଭିତରେ ନର୍ଲା ନିର୍ବାଚନ ମଣ୍ଡଳୀର କୌଣସି ପର୍ଯ୍ୟଟନ ସ୍ଥଳୀକୁ ବିଭାଗ ତରଫରୁ ଅର୍ଥ ଯୋଗାଇ ଦେଇ ନଥିବା ସତ୍ୟ କି; ଏଣୁ ଏହି ଆର୍ଥିକ ବର୍ଷରେ ବେଲଖଣ୍ଡି, ମୋହନଗିରି, ପ୍ରସିଦ୍ଧ ଶିବ ମନ୍ଦିର ସାଙ୍କୁସ ଓ ଅସୁରଗଡ଼ ପାଇଁ ଅର୍ଥ ବ୍ୟବସ୍ଥା କରିବେ କି ?

----

## ଅବକାରୀ ଟିକସ ଆୟର ପରିମାଣ

328 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ସର୍ବମୋଟ ଅବକାରୀ ଟିକସ କେଉଁ ଜିଲ୍ଲାରୁ କେତେ ଆଦାୟ ହୋଇଅଛି, 2021 - 22 ଓ 2022 -23 ରେ ସେହି ତୁଳନାରେ କମ ନା ଅଧିକ, ଜଣାଇବେ କି ?

----

## ମିଶିନ ଶକ୍ତି ଗୃହ ନିର୍ମାଣ

329 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନର୍ଲା ନିର୍ବାଚନ ମଣ୍ଡଳୀରେ ମିଶନ ଶକ୍ତି ଗୃହ କେଉଁ କେଉଁଠାରେ କାର୍ଯ୍ୟ ଆରମ୍ଭ ହୋଇଛି ଓ କେଉଁ କେଉଁଠାରେ ହୋଇନାହିଁ, ଏହା କେବେ ଆରମ୍ଭ କରାଯିବ, ବିଳମ୍ବର କାରଣ କଣ ?

----

## କଳାକାର ଭତ୍ତା ପ୍ରଦାନ

330 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନର୍ଲା ନିର୍ବାଚନ ମଣ୍ଡଳୀରେ କେତେଜଣ ସର୍ବମୋଟ କଳାକାର ଅଛନ୍ତି ଓ କେତେ ଜଣ ଭତ୍ତା ପାଉଛନ୍ତି, ଜଣାଇବେ କି; କଳାହାଣ୍ଡି ଜିଲ୍ଲାରେ କେତେ କଳାକାରଙ୍କର ଦରଖାସ୍ତ ବିଚାରଧିନ ପାଇଁ pending ଅଛି ଜିଲ୍ଲାକୁ ଦିଆଯାଇଥିବା Quota ପୂରଣ ହୋଇପାରି ନଥିବା ସତ୍ୟ କି?

----

## ମଦ୍ୟପାନ କରି ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ତାଲିକା

331 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ସୁନ୍ଦରଗଡ଼ ଜିଲ୍ଲାରେ ସ୍କୁଲ, କଲେଜ, ଡ଼ାକ୍ତରଖାନା, ମନ୍ଦିର ଓ ସରକାରୀ ଅଫିସ ପାଖରେ ମଦ ଦୋକାନ ଖୋଲାରହୁଛି ସରକାରଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ତାହା ବନ୍ଦ ହେବାର କୌଣସି ଯୋଜନା କରୁନାହାଁନ୍ତି, ଜିଲ୍ଲାର ପ୍ରଶାସକ ଓ ସରକାର ଏଥିପ୍ରତି ଦୃଷ୍ଟି ଦେବେ କି ; (ଖ) ସୁନ୍ଦରଗଡ଼ ଜିଲ୍ଲାରେ ମଦ ପିଉଥିବା କାରଣରୁ କେତେ ଜଣ ମୃତ୍ୟୁବରଣ କରିଛନ୍ତି ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି?

----

## ଜବତ ହୋଇଥିବା ବ୍ରାଉନ ସୁଗାରର ମୂଲ୍ୟ

332 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତୋଟି ଲାଇସେନ୍ସପ୍ରାପ୍ତ ମଦ ଦୋକାନ ରହିଛି ଓ ସରକାର ଏଥିରୁ ଗତ ପାଞ୍ଚ ବର୍ଷ ମଧ୍ୟରେ କେତେ ପରିମାଣର ରାଜସ୍ୱ ଆଦାୟ କରିଛନ୍ତି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ; (ଖ) ଗାଁ ଗହଳରେ ବ୍ୟାପୁଥିବା ନକଲି ମଦ, ଦେଶୀମଦ ଓ ବ୍ରାଉନସୁଗାର କାରବାରକୁ ପ୍ରତିହତ କରିବାପାଇଁ ସରକାରଙ୍କର କଣ ସବୁ ଯୋଜନା ରହିଛି; ଗତ ପାଞ୍ଚ ବର୍ଷ ମଧ୍ୟରେ ଧରାପଡ଼ିଥିବା ବ୍ରାଉନସୁଗାର ମୂଲ୍ୟ କେତେ ?

----

## ପାନ୍ଥଶାଳା ତାଲିକା ପ୍ରଦାନ

333 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତୋଟି ପାନ୍ଥଶାଳା ରହିଛି; ଏଗୁଡ଼ିକ କେଉଁଠାରେ ଅବସ୍ଥିତ ; ଗତ ଦୁଇବର୍ଷ ମଧ୍ୟରେ କେତେ ସଂଖ୍ୟକ ଲୋକମାନେ ଏଠାରେ ରହିଛନ୍ତି; ଏହି ପାନ୍ଥଶାଳା ଓ ପାନ୍ଥନିବାସ ଗୁଡ଼ିକ ଲାଭରେ ନା କ୍ଷତିରେ ଚାଲୁଛି ତାହାର ଏକ କେନ୍ଦ୍ରୱାରୀ ତାଲିକା ପ୍ରଦାନ କରିବେ ?

----

## ଦୁର୍ନିତୀ ଗ୍ରସ୍ତ ଅଫିସରଙ୍କ ତାଲିକା

334 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଗତ ଦୁଇବର୍ଷ ମଧ୍ୟରେ ଏହି ବିଭାଗରେ ରାଜ୍ୟ ଓ ଜିଲ୍ଲାସ୍ତରର କେତେ ସଂଖ୍ୟକ କର୍ମଚାରୀ ଦୁର୍ନୀତି ନିବାରଣ ବିଭାଗ ହାତରେ ଧରା ପଡ଼ିଛନ୍ତି ; ସେମାନଙ୍କ ନାମ, ପଦବୀ ଓ ଦପ୍ତରର ତାଲିକା ପ୍ରଦାନ କରିବେ ଦୁର୍ନୀତି ନିବାରଣ ହାତରେ ଧରା ପଡ଼ିଥିବା ଅଧିକାରୀମାନେ ବର୍ତ୍ତମାନ ନିଲମ୍ବିତ ହୋଇଅଛନ୍ତି ନା କାର୍ଯ୍ୟରେ ଯୋଗ ଦେଇଛନ୍ତି ତାହା ଉଲ୍ଲେଖ କରିବେ ?

----

## Amenity Centre ର ରକ୍ଷଣା ବେକ୍ଷଣ ଦାୟିତ୍ୱ ମିଶନ ଶକ୍ତିକୁ ଦେବାପାଇଁ ପଦକ୍ଷେପ

335 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାସ୍ତା ପାର୍ଶ୍ୱରେ ହୋଇଥିବା Amenity Centre ଗୁଡ଼ିକର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟିତ୍ୱ R & B ବିଭାଗ ସୁଚାରୁରୂପେ ସମ୍ପାଦନ କରିପାରୁନଥିବା ବିଷୟରେ ସରକାର ଅବଗତ ଅଛନ୍ତି କି; ବାହାରୁ ଆସୁଥିବା ପର୍ଯ୍ୟଟକମାନେ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା କାରଣରୁ ଏହାର ପରିଚାଳନା ଦାୟିତ୍ୱ ମିଶନ ଶକ୍ତିକୁ ଦେବା ଦିଗରେ ପଦକ୍ଷେପ ନେବେ କି ?

----

## ନୂତନ ଗୃହର ଉଦ୍ ଘାଟନ

336 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- O.T.D.C. ତରଫରୁ ଅଂଶୁପାରେ ଦୁଇବର୍ଷ ହେଲା ନିର୍ମାଣ ହୋଇଥିବା ନୂତନ ଗୃହର ଉଦଘାଟନ ଅଦ୍ୟାବଧି କରାଯାଇନଥିବାରୁ ରାଜ୍ୟ ଭିତରୁ ଓ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବିଷୟରେ ସରକାର ଅବଗତ ଅଛନ୍ତି କି; ଏଣୁ ଏହି ନୂତନ ଗୃହଟିର ଉଦଘାଟନ କରିବା ସଙ୍ଗେ ସଙ୍ଗେ ଏହାର ପରିଚାଳନା ଦାୟିତ୍ୱ ମିଶନ ଶକ୍ତିକୁ ଦେବା ଦିଗରେ ପଦକ୍ଷେପ ନେବେ କି ?

----

## ରାସ୍ତା ନିର୍ମାଣ

337 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ବାଙ୍କୀ ନିର୍ବାଚନ ମଣ୍ଡଳୀର ଡ଼ମପଡ଼ା ବ୍ଲକରେ ଥିବା ପାଣ୍ଡବ ବଖରା ସ୍ଥାନଟିକୁ ପର୍ଯ୍ୟଟନ ସ୍ଥଳୀଭାବେ ପର୍ଯ୍ୟଟନ ବିଭାଗ ତରଫରୁ ଚିହ୍ନଟ କରାଯାଇଥିଲେ ହେଁ ପର୍ଯ୍ୟଟକ ମାନଙ୍କ ଗମନାଗମନ ନିମନ୍ତେ ରାସ୍ତା ନଥିବାରୁ ପର୍ଯ୍ୟଟକମାନେ ପାହାଡ଼ ଚଢ଼ି ପାହାଡ଼ ଉପର ଦେଇ ଅତ୍ୟନ୍ତ ବିପଦ ଶଙ୍କୁଳ ଯାତ୍ରା କରି ଏଠାରେ ପହଞ୍ଚିଥାନ୍ତି, ଯାହା ଅତ୍ୟନ୍ତ କ୍ଷୋଭର ବିଷୟ, ଏଣୁ କର୍ତ୍ତୃପକ୍ଷ ତୁରନ୍ତ ଏଦିଗରେ ଧ୍ୟାନ ଦେଇ ଏହି ସ୍ଥାନକୁ ଭଲ ରାସ୍ତାଟିଏ ନିର୍ମାଣ କରିବା ଦିଗରେ ପଦକ୍ଷେପ ନେବେ କି ?

----

## ଚୋରାମଦ ବିକ୍ରୟ ରୋକିବା ନିମନ୍ତେ ପଦକ୍ଷେପ

338 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍କୀ ନିର୍ବାଚନ ମଣ୍ଡଳୀର ଅନେକ ସ୍ଥାନରେ ଚୋରା ଦେଶୀମଦ ଓ ଡ୍ରଗସ୍ ଇତ୍ୟାଦି ବହୁଳ ପରିମାଣରେ ବିକ୍ରୟ ଚାଲିଛି ଏବଂ ଏହା ରୋକିବା ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ପୂର୍ବରୁ ବହୁବାର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଏହାର କୌଣସି ସୁଫଳ ମିଳିନଥିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ, ଏହି କାରଣରୁ ସ୍ଥାନୀୟ ବାସିନ୍ଦା ରାତିରେ ଯିବା ଆସିବା କରିବା ନିରାପଦ ମଣୁନାହାନ୍ତି, ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଦିଗରେ ପଦକ୍ଷେପ ନେବେ କି ?

----

## ଓଡ଼ିଶା ଭାଷା ସାହିତ୍ୟର ବିକାଶ

339 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଆ ଭାଷା ସାହିତ୍ୟର ବିକାଶ ନିମନ୍ତେ ଜିଲ୍ଲାସ୍ତରରେ ଓଡ଼ିଆ ପାଠଚକ୍ରର ଆୟୋଜନ କରିବା ନିମନ୍ତେ ସରକାର କି ପଦକ୍ଷେପ ନେଇଛନ୍ତି ଜଣାଇବେ କି ?

----

## ଓଡ଼ିଆ ବିଶ୍ୱବିଦ୍ୟାଳୟର ଅଗ୍ରଗତି

340 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଆ ବିଶ୍ୱବିଦ୍ୟାଳୟର ଅଗ୍ରଗତି କଣ; ଏହା କେବେସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ଓ ଏଠାରେ କି ପ୍ରକାର ପାଠ୍ୟକ୍ରମର ବ୍ୟବସ୍ଥା କରାଯିବ ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ପୂର୍ଣ୍ଣଚନ୍ଦ୍ର ଭାଷା କୋଷର ପୁନଃ ପ୍ରକାଶନ

341 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗୋପାଳ ପ୍ରହରାଜଙ୍କ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଏକ ଦୁଷ୍ପ୍ରାପ୍ୟ ପୁସ୍ତକ ହୋଇଥିବାରୁ ଏବଂ ସରକାରୀ ସ୍ତରରେ ଓଡ଼ିଆଭାଷା ପ୍ରଚଳନ କରାଯାଇଥିବାରୁ ଏହି ଭାଷାକୋଷର ପୁନଃ ପ୍ରକାଶନ କରିବା ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ଜଣାଇବେ କି ?

----

## ବିଚ୍ଛିନ୍ନାଞ୍ଚଳ ପିଲାଙ୍କ ପାଠ ପଢ଼ା ସମ୍ପର୍କରେ

342 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶାର ସମସ୍ତ ବିଚ୍ଛିନ୍ନାଞ୍ଚଳ ତଥା ବାହାର ରାଜ୍ୟରେ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇବା ପାଇଁ କି ପଦକ୍ଷେପ ନିଆଯାଇଛି ଜଣାଇବା ସହ ବିଚ୍ଛିନ୍ନାଞ୍ଚଳରେ ପିଲାମାନଙ୍କ ପରୀକ୍ଷା ଓ ପାଠପଢ଼ା କିପରି ପରିଚାଳନା କରାଯାଇଛି ଜଣାଇବେ କି ?

----

## ଅନୁଗୋଳ ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ମାନ୍ୟତାପ୍ରାପ୍ତ ସ୍ଥାନ

343 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଅନୁଗୋଳ ଜିଲ୍ଲାର କେଉଁ କେଉଁ ପ୍ରସିଦ୍ଧ ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇ ଏ ବାବଦରେ ଅଦ୍ୟାବଧି କେତେ ଅର୍ଥ ବିନିଯୋଗରେ କି କି ଉନ୍ନୟନ କାର୍ଯ୍ୟ କରାଯାଇଛି, କେଉଁ କେଉଁ ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପ୍ରସ୍ତାବ ବିଚାରାଧୀନ ଅଛି, ଏହାର କାର୍ଯ୍ୟକାରିତା ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଲୋକନୃତ୍ୟ ଦଣ୍ଡନାଚର ସୁରକ୍ଷା

344 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଲୋକନୃତ୍ୟ ଦଣ୍ଡନାଚର ସୁରକ୍ଷା, ବିକାଶ ଓ ଗବେଷଣା ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## କ୍ରୟ କରାଯାଇଥିବା ଖବରକାଗଜ ଓ ପତ୍ର ପତ୍ରିକା ସମ୍ପର୍କରେ

345 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ସହିତ ରାଜ୍ୟର କେଉଁ ଜିଲାରେ ପ୍ରତିଷ୍ଠିତ କେଉଁ ଗ୍ରନ୍ଥାଗାରରେ ପାଠାଗାର ଗୃହ, ଜାଗାବାଡି, ପୁସ୍ତକ ସଂଖ୍ୟା ଓ ସେଠାକୁ କେଉଁ କେଉଁ ମାସିକ, ସାପ୍ତାହିକ, ପାକ୍ଷିକ, ଦୈନିକ ଖବରକାଗଜ ଓ ପତ୍ରପତ୍ରିକା ପାଠକମାନଙ୍କ ନିମନ୍ତେ କ୍ରୟ କରାଯାଉଅଛି ଓ ଏହି ପାଠାଗାରରେ କେଉଁ କେଉଁ ମଞ୍ଜୁରୀପ୍ରାପ୍ତ ପଦବୀରୁ କେତେ ପଦବୀ କେବେଠାରୁ ଖାଲି ଅଛି ଏବଂ ୨୦୨୨, ୨୦୨୩, ୨୦୨୪ ଓ ୨୦୨୫ରେ ଅବସର ଗ୍ରହଣ ହେତୁ କେଉଁ କେଉଁ ପଦବୀ ଖାଲି ହେବ ପ୍ରକାଶ କରି ବର୍ତ୍ତମାନର ଖାଲିଥିବା ପଦବୀ ସହିତ ଓ ଆସନ୍ତା ୨୦୨୫ ସୁଦ୍ଧା ଖାଲି ହେବାକୁ ଥିବା ପଦବୀକୁ ଆକଳନ କରି ଏଠାରେ ପଦବୀ ପୂରଣ ସହିତ ରାଜ୍ୟର ପାଠକମାନଙ୍କ ଜ୍ଞାନର ବିକାଶ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପଞ୍ଜିକୃତ ଲୋକନୃତ୍ୟ ଦଳ

346 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଅଦ୍ୟାବଧି କେଉଁ କେଉଁ ସଂସ୍କୃତିକ ଦଳ, ଭଜନ ଗ୍ରୁପ୍, ଓଡ଼ିଶୀ ନୃତ୍ୟ ଦଳ, ଗୋଟିପୁଅ ନୃତ୍ୟ ଦଳ, ଘୁମୁରା ନୃତ୍ୟ ଦଳ, ଲଉଡ଼ି ନୃତ୍ୟ ଦଳ, ପାଲା କଳାକାର, ଦାସକାଠିଆ କଳାକାର, ଦଣ୍ଡନାଚ, ଧୁଡୁକି ନାଚ ଓ ଅନ୍ୟ କେଉଁ ଲୋକନୃତ୍ୟ ଦଳଙ୍କୁ ପଞ୍ଜିକୃତ କରାଯାଇଛି ତାହାର ବିବରଣୀ ପ୍ରଦାନ ସହ ଯେଉଁ ବର୍ଗରେ ଅଧିକ ଲୋକନୃତ୍ୟ ଦଳ ସାମିଲ୍ ହୋଇପାରିନାହାନ୍ତି ପୁନଃ ବିଜ୍ଞପ୍ତି ପ୍ରକାଶ କରାଯାଇ ଅଧିକ ଲୋକନୃତ୍ୟ ଦଳକୁ ବିଭାଗ ତରଫରୁ ପଞ୍ଜିକୃତ କରି ରାଜ୍ୟର ଲୋକକଳାକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ମିଶନ ଶକ୍ତି ଯୋଜନା କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଥିବା ପଦବୀ ସଂଖ୍ୟା

347 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମିଶନଶକ୍ତି ଯୋଜନା କାର୍ଯ୍ୟକରିବା ପାଇଁ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ଥିବା ଆଗଲପୁର, ଲୋଇସିଂହା ଓ ପୁଇଁନ୍ତଲା ବ୍ଲକରେ ଆବଶ୍ୟକ ପଡୁଥିବା M.B. Keeper / CRP ପଦବୀ ସହ ଆଉ କେଉଁ କେଉଁ ପଦବୀ କେତେ ସଂଖ୍ୟାକ ଆବଶ୍ୟକତା ଅଛି । ଏହି ପଦବୀ ମଧ୍ୟରୁ କେତେ ପଦବୀ ବର୍ତ୍ତମାନ ଖାଲି ଅଛି । ଏହି ଖାଲିଥିବା ପଦବୀକୁ ସରକାର କେବେ ସୁଦ୍ଧା ପୂରଣ କରିବେ ?

----

## ବଲାଙ୍ଗିର ଦିନ (Day) କୁ ସରକାରୀ ମାନ୍ୟତା

348 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବଲାଙ୍ଗିର ଜିଲ୍ଲାର ଲୋକକଳାକୁ ଦେଶ ତଥା ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ବଲାଙ୍ଗିରର ବୁଦ୍ଧିଜିବୀ, ଜନସାଧାରଣ, କଳାକାର, ଗଣମାଧ୍ୟମ, ସାମଜିକ ଗଣମାଧ୍ୟମ ଓ ସମସ୍ତ ବର୍ଗର ଜନସାଧାରଣଙ୍କର ପ୍ରୋତ୍ସାହନରେ ପ୍ରତିବର୍ଷ 1st November ରେ ଆୟୋଜନ କରାଯାଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ବଲାଙ୍ଗିର ଦିନ(Day) କୁ ଜନସାଧାରଣଙ୍କ ଅନୁରୋଧ କ୍ରମେ ସରକାର କେବେ ସୁଦ୍ଧା ସରକାରୀ ମାନ୍ୟତା ଦେବେ ଜଣାଇବେ କି, (ଖ) ବଲାଙ୍ଗିର ଲୋକକଳାର ଉନ୍ନତି ପାଇଁ ଅଧିକ ଗବେଷଣାର ଆବଶ୍ୟକତା ହେଉଥିବାରୁ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗିର ଓ ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ସହ ସମନ୍ୱୟ ରକ୍ଷାକରି ପ୍ରସ୍ତାବଟିଙ୍କୁ ବିଚାର କରିବେ କି ?

----

## ଅନ୍ୟାନ୍ୟ ସମ୍ପ୍ରଦାୟକୁ Notification କରି ପଛୁଆବର୍ଗର ମାନ୍ୟତା

349 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ପଶ୍ଚିମ ଓଡ଼ିଶାର ହଳଦିଆ ତେଲି ଓ ଗନ୍ଧମାଳୀ (ଥନାପତି) ସଂପ୍ରଦାୟର ଜନସାଧାରଣଙ୍କ ଦାବୀକୁ ମାନ୍ୟବର ପଛୁଆବର୍ଗ କମିଶନ ବିଚାର କରି ପଛୁଆବର୍ଗର ତାଲିକାଭୁକ୍ତ କରିସାରିଥିବା ବେଳେ ଏହି ସଂପ୍ରଦାୟମାନଙ୍କ ସହ ପଛୁଆବର୍ଗରେ ତାଲିକାଭୁକ୍ତ ହୋଇଥିବା ଅନ୍ୟାନ୍ୟ ସଂପ୍ରଦାୟକୁ ରାଜ୍ୟ ସରକାର କେବେ ସୁଦ୍ଧା Notification କରି ପଛୁଆ ବର୍ଗର ମାନ୍ୟତା ଦେବେ, (ଖ) ରାଜ୍ୟରେ ପଛୁଆବର୍ଗର ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ନାମ ଲେଖାଇବା ନିମନ୍ତେ ଅଗ୍ରାଧିକାର ଦେବା ପାଇଁ କେବେ ସୁଦ୍ଧା ସରକାର Reservation Policy ଲାଗୁ କରିବେ ?

----

## ଅଙ୍ଗନୱାଡୀ କେନ୍ଦ୍ରକୁ ପାଣ୍ଠି ବିନିଯୋଗ

350 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଲୋଇସିଂହା ନିର୍ବାଚନ ମଣ୍ଡଳୀର କେତେ ସଂଖ୍ୟକ ମାଆ ଓ ଶିଶୁମାନଙ୍କ ପାଇଁ ଆଙ୍ଗନୱାଡୀ କେନ୍ଦ୍ରକୁ ୨୦୧୯-୨୦ ରୁ ୩୧.୧୦.୨୦୨୨ ପର୍ଯ୍ୟନ୍ତ କେତେ ପରିମାଣର ଛତୁଆ ଯୋଗାଣ କରି କେତେ ପାଣ୍ଠି ବିନିଯୋଗ କରାଯାଇଛି, ଏହି ଛତୁଆ ଯୋଗାଣ ପାଇଁ କେଉଁ କେଉଁ ସଂସ୍ଥା କେଉଁ କେଉଁ ଆଙ୍ଗନୱାଡୀ କେନ୍ଦ୍ରକୁ ଛତୁଆ ଯୋଗାଉଛନ୍ତି, ଆର୍ଥିକ ବର୍ଷୱାରୀ ଓ ବ୍ଲକୱାରୀ ତଥ୍ୟ ଦେବେ କି, ଏହି ଛତୁଆର ନିୟମିତ ମାନ ପରୀକ୍ଷା (Quality Analysis) ପାଇଁ ଓ ଛତୁଆର ସୁଷମ ବଣ୍ଟନ କରିବା ନିମନ୍ତେ ଲୋଇସିଂହା ନିର୍ବାଚନ ମଣ୍ଡଳୀର ବ୍ଲକ ମାନଙ୍କରେ କ'ଣ ପଦକ୍ଷେପ ନେଇଛନ୍ତି, (ଖ) ବଲାଙ୍ଗିର ଜିଲ୍ଲାର Lower Suktel Project ଦ୍ୱାରା ଲୋଇସିଂହା ନିର୍ବାଚନ ମଣ୍ଡଳୀର କେଉଁ କେଉଁ ଗ୍ରାମର ଆଙ୍ଗନୱାଡୀ କେନ୍ଦ୍ର ବନ୍ଦ ହେବ, ଏହି ଆଙ୍ଗନୱାଡୀ କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଥଇଥାନ ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ?

----

## ସୁଧ ବାବଦକୁ ଅର୍ଥ ଫେରସ୍ତ ପାଇଁ ଲକ୍ଷ୍ୟ ଧାର୍ଯ୍ୟ

351 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ମଧ୍ୟରୁ କେତେ ସଂଖ୍ୟକ ଗୋଷ୍ଠୀଙ୍କୁ କେତେ ଋଣ ଉପରେ କେଉଁ ହାରରେ ସୁଧ ବାବଦକୁ କେଉଁ କେଉଁ ବର୍ଷ କେତେ ଅର୍ଥ ଫେରସ୍ତ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ଏବଂ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ କେଉଁ ଜିଲ୍ଲାରେ ସମୁଦାୟ କେତେ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କେଉଁ କେଉଁ ବର୍ଷରେ କେତେ ଅର୍ଥ ସୁଧ ରିହାତି ବାବଦକୁ ରାଜ୍ୟ ସରକାର ବ୍ୟୟ କରିଛନ୍ତି ତାହା ପ୍ରକାଶ କରିବେ କି, ସମୁଦାୟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟରୁ କେତେ ପ୍ରତିଶତ ନିୟମିତ ଋଣ ପୈଠ କରି ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି ତାର ଜିଲ୍ଲାୱାରୀ ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଅନ୍ୱେଷିତ ଗନ୍ତବ୍ୟ ସ୍ଥଳକୁ କୋଳପ୍ରିୟ କରିବା ସମ୍ପର୍କରେ

352 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର କେଉଁ କେଉଁ ଅନ୍ବେଷିତ ଗନ୍ତବ୍ୟ ସ୍ଥଳକୁ ଲୋକପ୍ରିୟ କରିବା ପାଇଁ ଭ୍ରମଣ ଓ ପର୍ଯ୍ୟଟନ ଶିଳ୍ପର ସକ୍ରିୟ ସହଭାଗିତା ଆବଶ୍ୟକତା ରହିଥିବା ବିଷୟ ଅନୁଭବ କରୁଛନ୍ତି କି, ଯଦି ହଁ ହୁଏ ତେବେ ଏ କ୍ଷେତ୍ରରେ କି କି ପଦକ୍ଷେପ ଗ୍ରହଣ କରି କି କି ଯୋଜନା ପ୍ରସ୍ତୁତ କରିଛନ୍ତି ଓ କ'ଣ କରିବାକୁ ଯାଉଛନ୍ତି ସେ ସଂପର୍କରେ ଅବଗତ କରିବେ କି ?

----

## ମଦ ବ୍ୟବହାରକାରୀଙ୍କ ମଧ୍ୟରେ ସାବାଳକ ଓ ନାବାଳକଙ୍କ ସଂଖ୍ୟା

353 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଦୈନିକ ମଦ ବ୍ୟବହାରକାରୀ ତଥା ମଦ କ୍ରୟ କରୁଥିବା ଗ୍ରାହକଙ୍କ ମଧ୍ୟରୁ ସାବାଳକ ଓ ନାବାଳକଙ୍କ ହାରାହାରି ସଂଖ୍ୟକ କେତେ ରହିଛି ତାହା ପ୍ରକାଶ କରିବେ କି, ନାବାଳକଙ୍କୁ ମଦ ବିକ୍ରୟ କରୁଥିବା କେତେ ସଂଖ୍ୟକ ବିକ୍ରେତାଙ୍କ ବିରୁଦ୍ଧରେ ବିଗତ ୧୦ ବର୍ଷ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାର ଜିଲ୍ଲା ଓ ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) କେଉଁ ବୟସର ଗ୍ରାହକଙ୍କୁ କେତେ ପରିମାଣର ମଦ ବିକ୍ରୟ କରାଯିବ ସେଥିପାଇଁ କି କି ନୀତି ନିୟମ ଓ ବ୍ୟବସ୍ଥା ରହିଛି ?

----

## ପବିତ୍ର ସ୍ଥଳୀ ଗୁଡିକର ପୁନରୁଦ୍ଧାର ପାଇଁ ବଜେଟରେ ବ୍ୟବସ୍ଥା

354 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଆଧ୍ୟାତ୍ମିକ ପ୍ରତିଷ୍ଠାକୁ ବଜାୟ ରଖିବା ଓ ସୁରକ୍ଷା ନିମନ୍ତେ କେଉଁ କେଉଁ ପବିତ୍ର ସ୍ଥଳୀ ଗୁଡିକର ପୁନରୁଦ୍ଧାର ଓ ମରାମତି ନିମନ୍ତେ ୨୦୧୮-୧୯ ରୁ ୨୦୨୨-୨୩ ବର୍ଷ ମଧ୍ୟରେ କେତେ ଅର୍ଥ ବ୍ୟୟ କରିବା ପାଇଁ ବଜେଟରେ ବ୍ୟବସ୍ଥା ଥିଲା ଓ କେତେ ଅର୍ଥ କେଉଁ କେଉଁ ବାବଦରେ ବ୍ୟୟ ହୋଇଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବା ସହ କେଉଁ ପ୍ରମୁଖ କାରଣରୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଅର୍ଥ ବ୍ୟୟ ହୋଇପାରିନାହିଁ , ଏଥିପାଇଁ କେଉଁମାନେ ଉତ୍ତରଦାୟୀ ତାହା ପ୍ରକାଶ କରିବେ କି ?

----

## P.P. ଏବଂ APP ମାନଙ୍କର ତାଲିକା ପ୍ରଦାନ

355 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ P.P. ଏବଂ APP ମାନଙ୍କ ସଂଖ୍ୟା କେତେ ଓ ସେଥିମଧ୍ୟରୁ SC, ST ବର୍ଗର କେତେଜଣ PP ଏବଂ APP ଅଛନ୍ତି, ତାର ସମସ୍ତ ଜିଲ୍ଲାୱାରୀ ତାଲିକା ସରକାର ଦେବେ କି ?

----

## ଛାତ୍ରୀ ନିବାସ ସ୍ଥାପନ

356 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ରାଜଧାନୀ ଭୁବନେଶ୍ୱରକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଉଚ୍ଚଶିକ୍ଷା ତଥା BJB, Ramadevi ପ୍ରଭୃତି College ରେ ପଢିବା ପାଇଁ ଆସୁଥିବା SC, ST, OBC ଏବଂ Minority ବର୍ଗର ପିଲାମାନଙ୍କ ପାଇଁ College ମାନଙ୍କରେ Sufficient Hostel ସୁବିଧା ନଥିବାରୁ ଆବଶ୍ୟକତା ଅନୁଯାୟୀ ସରକାର ଛାତ୍ରୀ ନିବାସ ନିର୍ମାଣ ପାଇଁ କି କି ପଦକ୍ଷେପ ନେଉଛନ୍ତି କହିବେ କି ?

----

## ୨୪% ସଂରକ୍ଷଣ ପାଇଁ ପଦକ୍ଷେପ

357 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- SC/ST ପିଲାମାନଙ୍କର Medical ଏବଂ Engineering ରେ ନାମ ଲେଖାଇବା ପାଇଁ ୨୪% Reservation କୁ ସରକାର କେବେସୁଦ୍ଧା ଲାଗୁ କରିବେ କହିବେ କି ?

----

## ବହି ପ୍ରକାଶନ ସମ୍ପର୍କରେ

358 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଓଡିଆ ବହି ପ୍ରକାଶ କରୁଥିବା କେତୋଟି ପ୍ରକାଶନ ସଂସ୍ଥା ରହିଛି ଓ ସେସବୁ ରାଜ୍ୟରେ କେଉଁ ସ୍ଥାନରେ ଅଛନ୍ତି, ସେମାନଙ୍କର ବାର୍ଷିକ କାରବାର ପରିମାଣ କେତେ ଓ ସେମାନେ ବର୍ଷକୁ କେତୋଟି ବହି ବିକ୍ରି କରୁଛନ୍ତି, ଗତ 10 ବର୍ଷ ଧରି ଏହି ପ୍ରକାଶନ ସଂସ୍ଥାଗୁଡିକଠାରୁ ପ୍ରତି ବର୍ଷ ସରକାର ବା ବିଭିନ୍ନ ସରକାରୀ ସଂସ୍ଥା କେତେ ଟଙ୍କାର କେତେ ବହି କିଣି ରାଜ୍ୟରେ ବିଭିନ୍ନ School, College, Library ରେ ବାଣ୍ଟିଛନ୍ତି ?

----

## ମହିଳାଙ୍କ ନିଯୁକ୍ତି ସମ୍ପର୍କରେ

359 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତେ ପ୍ରତିଶତ ମହିଳା କର୍ମଜିବୀ ଭାବେ ସ୍ଥାୟୀ ଓ ଅସ୍ଥାୟୀ ନିଯୁକ୍ତିରେ ନିୟୋଜିତ ଅଛନ୍ତି ଏବଂ ସେମାନଙ୍କର ହାର ଜାତୀୟ ହାରଠାରୁ କେତେ ଅଧିକ ବା କମ, ଏ ସମ୍ପର୍କରେ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଓକିଲଙ୍କ କଲ୍ୟାଣ ପାଇଁ ପଦକ୍ଷେପ

360 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତେ ଜଣ ଓକିଲାତି ବୃତ୍ତିରେ ନିୟୋଜିତ ଅଛନ୍ତି ଏବଂ ସେମାନଙ୍କର କଲ୍ୟାଣ ଲାଗି ରାଜ୍ୟ ସରକାର କି ପ୍ରକାର ପଦକ୍ଷେପ ନେଇଛନ୍ତି ବା ନେବାକୁ ବିଚାର କରୁଛନ୍ତି ?

----

**ଐତିହ୍ୟ ଗୁଡିକର ତାଲିକା**

361 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୁରଭଞ୍ଜ ଜିଲ୍ଲାରେ କେତୋଟି ଐତିହ୍ୟ ଥିବାର ସରକାରଙ୍କ ଦୃଷ୍ଟିକୁ ଆସିଛି, ସମ୍ପୂର୍ଣ୍ଣ ତାଲିକା ଦେବେ କି, ଶ୍ରୀରାମଚନ୍ଦ୍ର ପାଠାଗାର (Jublee Library) ତାଲିକା ମଧ୍ୟରେ ଅଛି କି ନାହିଁ, ଯଦି ନାହିଁ ତାଲିକା କରିବେ କି ?

----

**Hostel ଗୁଡିକର ପରିଚାଳନା ଦାୟିତ୍ୱ**

362 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୂରଭଞ୍ଜ ଜିଲ୍ଲାର ବିଭାଗ ଦ୍ୱାରା ପରିଚାଳିତ ସମସ୍ତ Hostelର ପରିଚାଳନା ଦାୟିତ୍ୱ କାହାକୁ ଦିଆଯାଇଛି, ଏବଂ ସଠିକ ଭାବେ ପରିଚାଳନା କରାଯାଉଛି କି ନାହିଁ, ବିଶେଷ କରି ସେବାଶ୍ରମମାନଙ୍କରେ Superintend ମାନେ ପିଲାଙ୍କ ଦାୟିତ୍ୱ ସଠିକ ଭାବେ ନେଉଛନ୍ତି କି ନାହିଁ ଖୁଣ୍ଟା ବ୍ଲକର ନୂଆଁଗାଁରେ (ସେବାଶ୍ରମ) ରେ ପିଲା ଦୁଇ ଦିନ ଭୋକିଲା ରହିଲେ, ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇଛି କି ନାହିଁ, ବିଧିବଦ୍ଧ ପଦକ୍ଷେପ ନେବେ କି ?

----

**ପ୍ରଚୁର ମାତ୍ରାରେ ବ୍ରାଉନସୁଗାର କାରବାର**

363 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାରିପଦା ସହରରେ ଗଞ୍ଜେଇ, ଅଫିମ ଓ ବ୍ରାଉନସୁଗାର ପ୍ରଚୁର ମାତ୍ରାରେ କାରବାର ହେଉଥିବାର ସରକାରଙ୍କ ଦୃଷ୍ଟିକୁ ଆସିଛି କି, ପ୍ରତିକାର ପାଇଁ କଣ କଣ ପଦକ୍ଷେପ ନିଆଯାଇଛି ଏବଂ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ବିହୀତ ପଦକ୍ଷେପ ନେବେ କି ?

----

**Tribal Museum ସ୍ଥାପନ**

364 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବାକା (ଚିତ୍ରକୋଣ୍ଡା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ମାଥିଲି ବ୍ଲକର Udulibeda ଠାରେ ସହିଦ ଲକ୍ଷ୍ମଣ ନାୟକଙ୍କ ନାମରେ ଏକ Tribal Museum କରିବା ପାଇଁ ସରକାରଙ୍କର ଚଳିତ ବର୍ଷ ଯୋଜନା ଅଛି କି, ଯଦି ଅଛି, ତେବେ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ସରକାର କହିବେ କି ?

----

## ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସକୁ ସରକାରୀ ମାନ୍ୟତା ପ୍ରଦାନ

365 **ଶ୍ରୀ ପୁର୍ଣ ଚନ୍ଦ୍ର ବାକା (ଚିତ୍ରକୋଣ୍ଡା)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚିତ୍ରକୋଣ୍ଡା ବ୍ଲକର ମାଥିଲି ଠାରେ Aug - 21 ରେ ସହିଦ ଲକ୍ଷ୍ମଣ ନାୟକଙ୍କୁ ହୋଇଥିବା ଗୁଳିକାଣ୍ଡ ଦିବସକୁ ମାଲକାନଗିରି ଜିଲ୍ଲା ତଥା ସମଗ୍ର ଓଡିଶାବାସୀ ସ୍ମରଣ କରିବା ପାଇଁ ଏହି ଦିବସଟିକୁ ସରକାରୀ ମାନ୍ୟତା ଦେବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଅନାଥଶ୍ରମ, ବୃଦ୍ଧାଶ୍ରମ ସ୍ଥାପନ ପାଇଁ ବ୍ୟବସ୍ଥା

366 **ଶ୍ରୀ ଭାସ୍କର ମଢେଇ (ଉଦଳା)ଃ**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଏକ ଅନାଥଶ୍ରମ ସ୍ଥାପନ ପାଇଁ କି ପଦ୍ଧତି ଅବଲମ୍ବନ କରିବାର ବ୍ୟବସ୍ଥା ଅଛି, ତଥ୍ୟ ପ୍ରଦାନ କରିବେ କି ?

----

## କର୍ମଚାରୀଙ୍କ ଚାକିରୀ ନିୟମିତ କରିବା ପାଇଁ ପଦକ୍ଷେପ

367 **ଶ୍ରୀ ଭାସ୍କର ମଢେଇ (ଉଦଳା)ଃ**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ କାର୍ଯ୍ୟାଳୟର ସଚିବ କେତେକ କର୍ମଚାରୀଙ୍କୁ ମାନସିକ ଯନ୍ତ୍ରଣା, ମାଗିଥିବା ଟଙ୍କା ନଦେବା ଯୋଗୁଁ ଉଚ୍ଚ ନ୍ୟାୟଳୟର ଆଦେଶନାମା, ବିଭାଗୀୟ ଅଧିକାରୀଙ୍କ ଆଦେଶ ଅବମାନନା ଓ ଅଧକ୍ଷ୍ୟାଙ୍କ ବିନା ଅନୁମୋଦନରେ ସମସ୍ତ ଆଦେଶକୁ ନାକଚ କରି ଚାକିରୀରୁ ବାହାର କରି ଦେବା କଥା, ରାଜ୍ୟ ପ୍ରଶାସନ, ବିଭାଗୀୟ ମନ୍ତ୍ରୀ, ବିଭାଗ ଅବଗତ ଥିବା କଥା ସତ୍ୟ କି, ଯଦି ସତ୍ୟ ସରକାର କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଏବଂ ଉଚ୍ଚନ୍ୟାୟାଳୟ ଆଦେଶ ଅନୁସାରେ ନିର୍ଯ୍ୟାତିତ କର୍ମଚାରୀଙ୍କୁ ନ୍ୟାୟ ଦେବେ କି ?

----

## Court ପରିସର ମଧ୍ୟରେ ବଗିଚା ସହ Canteen ବ୍ୟବସ୍ଥା

368 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା)ଃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମୋହନା ଓ ଜଟଣୀ ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା Civil Judge (Junior Division)-cum-JMFC Court ପରିସର ମଧ୍ୟରେ ସୁନ୍ଦର ବଗିଚା କରିବା ସହ Canteen ର ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି, ଉତ୍ତର ହଁ ହେଲେ ଜଟଣୀ 0ାରେ Civil Judge (Senior Division)ଖୋଲିବାର ବ୍ୟବସ୍ଥା ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରିବେ କି ?

----

## ଅଡିଟୋରିୟମ ଓ Study Room Library ପ୍ରତିଷ୍ଠା

369 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟ ସରକାର ମୋହନା ନିର୍ବାଚନ ମଣ୍ଡଳୀ ଅଧିନରେ କୌଣସି ଜାଗାରେ ରବିନ୍ଦ୍ର ମଣ୍ଡପ (ଭୁବନେଶ୍ୱର) ପରି ଏକ ଅଡିଟୋରିୟମ ଓ Study Room Library ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି, (ଖ) ସରକାରୀ ଦପ୍ତରରେ କେବେ ସୁଦ୍ଧା ଓଡିଆ ଭାଷାରେ ଲେଖା ପ୍ରଚଳନ ହୋଇପାରିବ, ସେ ଦିଗରେ କି କି ପଦକ୍ଷେପ ମାନ ଗ୍ରହଣ କରିବେ ସେ ସମ୍ପର୍କିତ ତଥ୍ୟ ପ୍ରଦାନ କରିବା ସହ ଓଡ଼ିଆ ଭାଷା ପ୍ରତିଷ୍ଠାନ ପାଇଁ ୨୦୧୮-୧୯, ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ଆର୍ଥିକ ବର୍ଷ ନିମିତ୍ତ କେତେ ଅର୍ଥ ଖର୍ଚ୍ଚ ହୋଇଛି ଏବଂ ଆର୍ଥିକ ବ୍ୟୟ ବରାଦ କରାଯାଇଛି ସେ ସମ୍ପର୍କିତ ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ରମ୍ଭା ଓ ଚିଲିକା ଉପକୂଳରେ ପର୍ଯ୍ୟଟନର ବିକାଶ

370 **ଶ୍ରୀ ସୁବାଷ ଚନ୍ଦ୍ର ବେହେରା (ଛତ୍ରପୁର ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଥିବା ରମ୍ଭା ତଥା ତତ୍ ସଂଲଗ୍ନ ଚିଲିକା ଉପକୂଳକୁ ନେଇ ପର୍ଯ୍ୟଟନର ବିକାଶ ତଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କେଉଁ ସବୁ ଦୀର୍ଘ ମିଆଦି ଏବଂ ସୌନ୍ଦର୍ଯ୍ୟକରଣ ପ୍ରସ୍ତାବ ରହିଛି ଉଲ୍ଲେଖ କରିବେ କି ?

----

## ଐତିହ୍ୟ ଓ ଧାର୍ମିକସ୍ଥଳୀର ପୁନରୁଦ୍ଧାର

371 **ଶ୍ରୀ ସୁବାଷ ଚନ୍ଦ୍ର ବେହେରା (ଛତ୍ରପୁର ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଛତ୍ରପୁର ନିର୍ବାଚନ ମଣ୍ଡଳୀରେ କେତେଗୋଟି ଐତିହ୍ୟ ଏବଂ ଧାର୍ମିକସ୍ଥଳୀ ରହିଛି, ଏଗୁଡିକର ପୁନରୁଦ୍ଧାର ଏବଂ ସଂରକ୍ଷଣ ନିମନ୍ତେ ଚଳିତ ଏବଂ ଆଗାମୀ ବର୍ଷରେ କଣ ପ୍ରସ୍ତାବ ରହିଛି ?

----

## ମୋରଡା ନିର୍ବାଚନ ମଣ୍ଡଳୀରେ ମିଶନ ଶକ୍ତିର କାର୍ଯ୍ୟ

372 **ଶ୍ରୀ ରାଜକିଶୋର ଦାସ (ମୋରଡା):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମୋରଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୁଳିଆପଦା, ମୋରଡା ଏବଂ ରାସଗୋବିନ୍ଦପୁର ବ୍ଲକରେ ମିଶନ୍ ଶକ୍ତି ବିଭାଗ ଦ୍ୱାରା କେଉଁ କାର୍ଯ୍ୟ ଚାଲିଛି, ଚଳିତ ବର୍ଷ କେଉଁ ଯୋଜନା କାର୍ଯ୍ୟକାରୀ କରିବାର ପ୍ରସ୍ତାବ ଅଛି ?

----

## ଶିମିଳିପାଳ ଏବଂ ସୁଲେଇପାଟ ପାଇଁ ଯୋଜନା

373 **ଶ୍ରୀ ରାଜକିଶୋର ଦାସ (ମୋରଡା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମୟୂରଭଞ୍ଜ ଜିଲ୍ଲାରେ ପର୍ଯ୍ୟଟନର ବିକାଶ ପାଇଁ କେଉଁ କେଉଁ ସ୍ଥାନରେ କ'ଣ ଯୋଜନା କରିଛନ୍ତି, ବିଶେଷକରି ଶିମିଳିପାଳ ଏବଂ ସୁଲେଇପାଟ ପାଇଁ କୌଣସି ଯୋଜନା ଅଛି କି, ତଥ୍ୟ ଦେବେ କି ?

----

## ପାନ୍ଥ ନିବାସର ପୁନଃରୁଦ୍ଧାର

374 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ଓଡଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ପାନ୍ଥନିବାସର ପୁନରୁଦ୍ଧାର ବିଷୟରେ ପଚାରିଥିବା ସରକାର ତାରକା ପ୍ରଶ୍ନ ନଂ 405 ତା.23.07.2022 ର ଉତ୍ତରରେ ଜଣାଇଥିଲେ କି ଶରଣକୁଳ ପାନ୍ଥଶାଳାକୁ M/S. Rain the Club କୁ 30 ବର୍ଷ ପାଇଁ ଲିଜ୍ ସୂତ୍ରେ ତା.17.05.2016 ରିଖରେ ଦିଆଯାଇଛି, ଉକ୍ତ ପାନ୍ଥଶାଳାର କାର୍ଯ୍ୟକ୍ଷମ ସ୍ଥିତି ଉପରେ ତଥ୍ୟ ପ୍ରଦାନ କରିବା ପାଇଁ ସମ୍ପୃକ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କୁ ପତ୍ରାଳାପ କରାଯାଇଛି, ତଥ୍ୟ ହସ୍ତଗତ ହେବାପରେ ଚୁକ୍ତିନାମା ସର୍ତ୍ତାବଳୀ ଅନୁଯାୟୀ ପଦକ୍ଷେପ ନିଆଯିବ, ଇତିମଧ୍ୟରେ ଏ ଦିଗରେ କ'ଣ ଅଗ୍ରଗତି ହୋଇଛି ଏବଂ ଲିଜ୍ ଧାରୀ ପାନ୍ଥଶାଳାର ରକ୍ଷଣାବେକ୍ଷଣ କରୁନଥିବାରୁ ଏବଂ ପାନ୍ଥଶାଳା ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଉକ୍ତ ଚୁକ୍ତିନାମାକୁ ତୁରନ୍ତ ବାତିଲ କରି ପର୍ଯ୍ୟଟନ ବିଭାଗ କିମ୍ବା ଦେବୋତ୍ତର ବିଭାଗ କିମ୍ବା ସମ୍ପୃକ୍ତ ପଞ୍ଚାୟତ ଦ୍ୱାରା ଉକ୍ତ ପାନ୍ଥଶାଳାର ପୁନରୁଦ୍ଧାର କରିବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେବେ କି ?

----

## ବିନାୟକପୁର ଅଙ୍ଗନୱାଡି କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ କରାଯିବା ପାଇଁ ପଦକ୍ଷେପ

375 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ଓଡଗାଁ ବ୍ଲକ ଅନ୍ତର୍ଗତ ମଗରବନ୍ଧ ପଞ୍ଚାୟତରେ ଦୀର୍ଘଦିନ ଧରି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଥିବା ବିନାୟକପୁର ଅଙ୍ଗନୱାଡି କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ବାରମ୍ବାର ଦାବୀ ଉପସ୍ଥାପନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏହାକୁ ପୂର୍ଣ୍ଣାଙ୍ଗ କରାନଯିବାର କାରଣ କ'ଣ ଏବଂ କେବେସୁଦ୍ଧା ବିନାୟକପୁର ଅଙ୍ଗନୱାଡି କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ କରାଯିବ ଜଣାଇବେ କି ?

----

## ଜଗନ୍ନାଥ ମନ୍ଦିର ଗୁଡିକର ପୁନଃଉଦ୍ଧାର

376 **ଶ୍ରୀ ମହିଧର ରଣା (କନ୍ଧମାଳ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଣ୍ଧାମାଳ ନିର୍ବାଚନ ମଣ୍ଡଳୀର କଣ୍ଧାମାଳ ଜଗନ୍ନାଥ ମନ୍ଦିର, ପଳଶାଗୋରା ଜଗନ୍ନାଥ ମନ୍ଦିର, ମନୁମୁଣ୍ଡା ଜଗନ୍ନାଥ ମନ୍ଦିର ଓ ଆମ୍ବଗାଁ ଜଗନ୍ନାଥ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଥିବାରୁ ଏହାକୁ ପୁନରୁଦ୍ଧାର ନିମନ୍ତେ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର 'ହଁ' ହେଲେ ଏହା କେବେସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ଆଦିବାସୀ ସଂଗ୍ରହାଳୟ ସ୍ଥାପନ ପାଇଁ ପଦକ୍ଷେପ

377 **ଶ୍ରୀ ମହିଧର ରଣା (କନ୍ଧମାଳ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଣ୍ଧାମାଳ ନିର୍ବାଚନ ମଣ୍ଡଳୀର ଡେଢେଳମାଳ ଅଞ୍ଚଳ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଆଦିବାସୀ ମାନଙ୍କର ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ପାଇଁ ଆମ୍ବଗାଁ ଗ୍ରା.ପ. ର ଡେଢେଳମାଳ ଠାରେ ଏକ ଆଦିବାସୀ ସଂଗ୍ରହାଳୟ ସ୍ଥାପନ କରିବା ପାଇଁ ପଦକ୍ଷେପ ନେବେ କି ?

----

## ବେଆଇନ ମଦ ଦୋକାନ

378 **ଶ୍ରୀ ମୁକେଶ କୁମାର ପାଲ (ପାଲହରା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅନୁଗୋଳ ଜିଲ୍ଲାରେ କେତୋଟି କେଉଁ କେଉଁ ପ୍ରକାରର ମଦ ଦୋକାନ ଅଛି ଏବଂ ବର୍ଷକୁ କେତେ ରାଜସ୍ୱ ଆଦାୟ ହେଉଛି, ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି, ପାଲଲହଡା ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଜାଗାରେ ମଦ ଦୋକାନ, କି ପ୍ରକାର ମଦ ଦୋକାନ ଖୋଲାହୋଇଛି କହିବେ କି, ଦେଶୀ ମଦ ଦୋକାନ କାଉଣ୍ଟର ପାଇଁ ପ୍ରତିବର୍ଷ ସେହି ପଞ୍ଚାୟତରୁ No Objection ସାର୍ଟିଫିକେଟ୍ ଆଣିବାର ନିୟମ ରହିଛି କି, ଯଦି ଅଛି ତେବେ ପାଲଲହଡା ବ୍ଲକ୍ ବାଲିପସି ପଞ୍ଚାୟତରେ ଥିବା ଦେଶୀ ମଦ ଭାଟି ବିନା ସାର୍ଟିଫିକେଟ୍ ରେ ଚାଲିବା ନିୟମ ଉଲ୍ଲଙ୍ଘନ ନୁହେଁ କି, ଏହାଦ୍ୱାରା ସ୍ଥାନୀୟ ଗ୍ରାମବାସୀ ମାନେ ପ୍ରଭାବିତ ହେଉଛନ୍ତି ଏଥିପାଇଁ କି ବ୍ୟବସ୍ଥା ଗ୍ରହଣ କରୁଛନ୍ତି ?

----

## ରତ୍ନଗିରିର ବିକାଶ

379 **ଶ୍ରୀମତୀ ସୁନନ୍ଦା ଦାସ (ବରି):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଐତିହାସିକ ବୌଦ୍ଧପୀଠ ରତ୍ନଗିରୀ ଓ ଓଡିଶାର ବରପୁତ୍ର ବିଦଗ୍ଧ କବି ଅଭିମନ୍ୟୁଙ୍କ ଜନ୍ମପୀଠର ବିକାଶ ପାଇଁ ବିଚାର କରିବେ କି ?

----

## ସ୍ଥାୟୀ ଭାବେ ଦକ୍ଷ ଅଫିସରଙ୍କୁ ନିଯୁକ୍ତି

380 **ମୋହମ୍ମଦ ମୋକିମ୍ (ବାରବାଟି-କଟକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ବୋର୍ଡ ଅଫ୍ ୱାକଫ ଓ ମାଦ୍ରାସା ବୋର୍ଡର ମୁଖ୍ୟପଦ ୪ ବର୍ଷ ହେଲାଣି ଖାଲିପଡିଛି, ବୋର୍ଡ ଅଫ୍ ୱାକଫର ସର୍ଭେ କମିଶନର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଜଣେ ଅଧିକାରୀଙ୍କୁ କାମଚଳା ଦାୟୀତ୍ୱ ଦିଆଯାଇଛି, ଉର୍ଦ୍ଦୁ ଏକାଡେମୀ, ହଜ୍ କମିଟିର ବି ମୁଖ୍ୟ ପଦବୀ ଖାଲିପଡିଛି, ଏଭଳି ସ୍ଥିତିରେ ରାଜ୍ୟରେ ମୁସଲମାନଙ୍କ ଆବଶ୍ୟକତା ଆଉ ସ୍ୱାର୍ଥ ଜନିତ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଗୁଡିକ ଧୀରେ ଧୀରେ ସ୍ଥାଣୁ ପାଲଟିବାକୁ ବସିଛି, ମୁସଲମାନ ସମ୍ପ୍ରଦାୟଙ୍କ ସହ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଗୁଡିକର ବିକାଶ ମୂଳକ କାର୍ଯ୍ୟ ଅଟକି ଯାଇଛି, ତୁରନ୍ତ ଏହିସବୁ ପଦବୀରେ ସ୍ଥାୟୀ ଭାବେ ଦକ୍ଷ ଅଫିସରଙ୍କୁ ନିଯୁକ୍ତି ଦେବାପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ରେମୁଣା ବ୍ଲକରେ Block Level Federation ଗଠନ

381 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରେମୁଣା ବ୍ଲକରେ Block Level Federation କେବେ ଗଠନ କରାଯାଇଥିଲା ତା'ର ସୁପରିଚାଳନା ପାଇଁ 2020-2022 ଓ 2021-2022 ଆର୍ଥିକ ବର୍ଷରେ କେତେ ଅନୁଦାନ ଆସିଥିଲା ଏବଂ ସେଗୁଡିକର ସୁବିନିଯୋଗ ହୋଇଛି କି ନା, ଯଦି 'ହଁ' କେତେ ଟଙ୍କା କିଭଳି ଖର୍ଚ୍ଚ ହୋଇଛି ଏବଂ ବଳକା ରାଶି କେତେ ରହିଅଛି ?

----

## ଜନଜାତିର ମାନ୍ୟତା ପାଇନଥିବା ସମ୍ପ୍ରଦାୟ ସମ୍ପର୍କରେ

382 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅନ୍ୟ ରାଜ୍ୟରେ ଅନୁସୂଚିତ ଜନଜାତିର ମାନ୍ୟତା ପାଇଥିଲେ ସୁଦ୍ଧା ଓଡିଶାରେ ଜନଜାତିର ମାନ୍ୟତା ପାଉନଥିବା କେତେ ସମ୍ପ୍ରଦାୟ ରହିଛନ୍ତି ତାହାର ତଥ୍ୟ ସରକାରଙ୍କ ନିକଟରେ ଅଛି କି, ଯଦି 'ହଁ' ସେହି ତଥ୍ୟ ଉପସ୍ଥାପନ କରିବେ କି, ଯଦି 'ନାହିଁ' ତେବେ ସରକାର ଏଥିପ୍ରତି ଅନୁଧ୍ୟାନ କରିବେ କି, ବିଭିନ୍ନ ଆଦିମ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତିର ମାନ୍ୟତା କେବେସୁଦ୍ଧା ଦିଆଯିବ ଜଣାଇବେ କି ?

----

## ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରିବାକୁ ପଦକ୍ଷେପ

383 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଆଇଟିଡିଏ ଓ ମାଇକ୍ରୋ ପ୍ରଜେକ୍ଟ ମାନଙ୍କରେ ବହୁ ସଂଖ୍ୟାରେ ଅସ୍ଥାୟୀ କର୍ମଚାରୀ ବହୁ ଦିନରୁ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଥିଲେ ବି ସେମାନଙ୍କୁ ନିୟମିତ କରାଯାଉନାହିଁ ସେମାନଙ୍କ ପାଇଁ ବିଭିନ୍ନ ସଂସ୍ଥାରେ ଭିନ୍ନ ଭିନ୍ନ ଦରମା ଓ ବାସଗୃହ ଆଦି ସୁବିଧାପରିଲକ୍ଷିତ ହେଉଅଛି, ନିକଟରେ ଚୁକ୍ତିଭିତ୍ତିକ କର୍ମଚାରୀ ମାନଙ୍କୁ ସରକାର ନିୟମିତ କଲାବେଳେ ଏହି ଶ୍ରେଣୀର କର୍ମଚାରୀ ମାନଙ୍କ କଥା ବିଚାରକୁ ନିଆଯାଇନଥିବାର କାରଣ କ'ଣ, ବିଭାଗ ସରକାରଙ୍କ ନିକଟରେ ଏ ସଂକ୍ରାନ୍ତରେ ପ୍ରସ୍ତାବ ଦେଇଛନ୍ତି କି, ଯଦି ଦେଇନଥାନ୍ତି, ସେହି ଅସ୍ଥାୟୀ କର୍ମଚାରୀ ମାନଙ୍କ ଅଭିଜ୍ଞତା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ନିୟମିତ କରିବାକୁ ପଦକ୍ଷେପ ନେବେ କି ?

----